## ଦଶ ପଞ୍ଚାୟତ ବିକାଶ ପରିଷଦର ନୂତନ ବ୍ଲକ ଦାବି



**ପଟ୍ଟାମୁଣ୍ଡାଇ,୧୧।୨(ସମିସ):** ଦଶ ପଞ୍ଚାୟତ ବିକାଶ ପରିଷଦର ଦ୍ୱିତୀୟ ଅଧିବେଶନ ଆବାହକ ବ୍ରଜ ସୁନ୍ଦର ଭୂୟାଁଙ୍କ ଅଧ୍ୟକ୍ଷତାରେ ସିଙ୍ଗିରି ଶୁଭମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।୨୦୦୯ ମସିହାରେ ନିର୍ବାଚନମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ ପରେ ପୁରାତନ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀର ଏହି ଦଶ ପଞ୍ଚାୟତ ଆଳି ନିର୍ବାଚନ ମଣ୍ଡଳୀରେ ମିଶିବା ପରଠୁ କ୍ରମାଗତ ଭାବରେ ପ୍ରଶାସନ ଦ୍ୱାରା ଅବହେଳାର ଶିକାର ହେଉଥିବାର ଦଶ ପଞ୍ଚାୟତ ବିକାଶ ପରିଷଦର ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ।ବିଶେଷ କରି ଏହି ଦଶ ପଞ୍ଚାୟତରେ ଜନସାଧାରଣଙ୍କର ବହୁ ମୌଳିକ ସମସ୍ୟା ଯଥା ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ ସହିତ ଏପରିକି ଦୀର୍ଘ ଦିନରୁ ପୁଲିସ୍ ଫାଣ୍ଡିଟିଏ ମଧ୍ୟ ହୋଇ ପାରୁନଥିବାରୁ ବିକାଶ ପରିଷଦ ଉଦବେଗ ପ୍ରକାଶ କରିଥିଲା। ଦଶ ପଞ୍ଚାୟତ ଅଧିବାସୀଙ୍କର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ସହିତ ଦଶପଞ୍ଚାୟତକୁ କେନ୍ଦ୍ରିତ କରି ଏକ ନୂଆ ବ୍ଲକ ଗଠନ କରିବାକୁ ବିକାଶ ପରିଷଦ ସଂଗ୍ରାମ ଜାରି ରଖିବ ବୋଲି ଉପସ୍ଥିତ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ, ସମାଜସେବୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ସରପଞ୍ଚ ସନାତନ ସାହୁ, ହେମନ୍ତ ମହାନ୍ତି, କାନନ ବିହାରୀ ପରିଡ଼ା, ଅକ୍ଷୟ ଦାସ, ସୁଧୀର ମଳିକ, ସରପଞ୍ଚ ପ୍ରତିନିଧି ବଂଶୀଧର ସ୍ୱାଇଁ,ରଞ୍ଜିତ ବେହେରା, ପୂର୍ବତନ ସରପଞ୍ଚ ରଞ୍ଜନ ଭୁୟାଁ, ବିପିନ ବିହାରୀ ପରିଡ଼ା,ସୁମନ୍ତ ଦାସ, ନୀଳମଣି ସେଠୀ, ଶିକ୍ଷାବିତ ସୁଧିର ଚନ୍ଦ୍ର ମହାନ୍ତି, ଅଶୋକ ରାଉତ, ଦାମୋଦର ରାଉଳ, କ୍ଷୀରୋଦ ପରିଡ଼ା,ସାମ୍ବାଦିକ ଅଭୟ ସୂତାର ସମାଜସେବୀ ପ୍ରତାପ ଜେନା, ନକୁଳ ପରିଡ଼ା, ପ୍ରସନ୍ନ ସାହୁ,ଅଭୟ କୁମାର ସାହୁ,ଗୋଲେଖ ଚନ୍ଦ୍ର ସାହୁ, ପ୍ରକାଶ ଭୁୟାଁ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ,ବାବୁରାମ ଜେନା, ମହେଶ୍ୱର ଭୁୟାଁ, ପ୍ରଫୁଲ୍ଲ ଗେଡି,ବୈରାଗୀ ରାଉଳ,ସୁରେଶ ଲେଙ୍କା, ମନ୍ମଥ ମହାକୁଳ, ଭାଗୀରଥି ମଳିକ, ନବକିଶୋର ସେଠୀ, ଅଶୋକ ମଳିକ, କିଶୋର ସାହୁ, ଚନ୍ଦ୍ରଭାନୁ ସେଠୀ,ହେମନ୍ତ ବାରିକ,ବସନ୍ତ ସେଠୀ, ଅଶୋକ ପଲାଇ,ଅଜୟ ଦାସ, ଅଶ୍ୱିନୀ ସାହୁ, ଗୋପିନାଥ ରାଉତ, ପରମେଶ୍ୱର ସାହୁ, ଗୋପିନାଥ ରାଉଳ,ମଦନ ସେଠୀ, ନୃସିଂହ ଦାସ,ବସନ୍ତ ସେଠୀ, ନିତ୍ୟାନନ୍ଦ ସାହୁ, ପ୍ରିୟବ୍ରତ ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ନୂତନ ବ୍ଲକ ଦାବି ଜୋରଦାର କରିବାକୁ ମତ ଦେଇଥିଲେ। ଶେଷରେ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବୀର ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ଯଜ୍ଞ



**ପଞ୍ଚୁପାଣ୍ଡବ,୧୧।୨(ସମିସ):**ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ମହାବୀର ହନୁମାନ ମନ୍ଦିରର ବାର୍ଷିକ ମହୋତ୍ସବ ସମାରୋହରେ ପାଳିତ ହୋଇ ଯାଇଛି।ଏଥି ସହିତ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।ଏହି ମନ୍ଦିରଟି ଡେରାବିଶ ବ୍ଲକ ଏବଂ ବଡ଼ଚଣା ବ୍ଲକର ମଧ୍ୟସ୍ଥଳରେ ଥିବାରୁ ସଦାନନ୍ଦପୁର, ରାଏତୁଣ୍ଡି,ବଜାର,ଭରତପୁର ଏବଂ ପଣସୁଧା ଗ୍ରାମର ଶତାଧିକ ମହିଳା ୧୦୮ କଳସ ଯାତ୍ରାରେ ସାମିଲ ହୋଇଥିଲେ।ସେବକ ବିରଞ୍ଚି ନାରାୟଣ ଦାଶଙ୍କ ନେତୃତ୍ୱରେ ତିନିଦିନ ଧରି ପ୍ରତି ସନ୍ଧ୍ୟାରେ ଭଜନ,କୀର୍ତ୍ତନ ଏବଂ ପ୍ରବଚନ ହୋଇଥିବା ବେଳେ ଶେଷ ସନ୍ଧ୍ୟାରେ ପୂର୍ଣାହୂତିରେ ଶେଷ ହୋଇଥିଲା।ଏହି ଉତ୍ସବରେ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା।ଏହି ତିନି ଦିନିଆ ଉତ୍ସବକୁ ବୃନ୍ଦାବନ ମଣ୍ଡଳ ବାବାଜୀ ମହାରଣା,ଦୋଳଗୋବିନ୍ଦ ଦାଶ,ବାୟାଧର ସାହୁ,ବିଶ୍ୱଜିତ୍ ପାଣ୍ଡେ,ସୀତାରାମ ପାଣ୍ଡେ, ଜୀବନ ଜ୍ୟୋତି ପଲେଇ,ବୀରେନ କୁମାର ସାହୁ, ଜଗ ମୋହନ ଦାଶ,ଦିଲୀପ କୁମାର ପ୍ରଧାନ,ବିଷ୍ଣୁ ପ୍ରସାଦ ସାହୁ, ଅଶୋକ କୁମାର ମହାରଣା ଏବଂ ସମସ୍ତ ଗ୍ରାମବାସୀମାନଙ୍କ ସହ ମନ୍ଦିରର ସେବକ ସହଯୋଗ କରିଥିଲେ।

### ଜାତିଆଣ ଆକ୍ଷେପ ବିରୁଦ୍ଧରେ ଥାନାରେ ଏତଲା ଦେବା ମହଙ୍ଗା

# ଯୁବକଙ୍କୁ ମାରିଦେବାକୁ ଖଣ୍ଡା ଧରି ଗୋଡ଼ାଇଲେ !

ପଟ୍ଟାମୁଣ୍ଡାଇ,୧୧।୨ (ସମିସ):



ସମ୍ପ୍ରତି ଜନୈକ ଦଳିତ ଯୁବକଙ୍କୁ ଉଚ୍ଚ ବର୍ଗର କେତେକ ଯୁବକ ଜାତିଆଣା ଆକ୍ଷେପ କରିବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏ ନେଇ ଦଳିତ ଯୁବକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଉକ୍ତ ଦଳିତ ଯୁବକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହିତ ପ୍ରକାଶ୍ୟ ଦିବା ଲୋକରେ ୮/୧୦ଜଣ ଯୁବକ ଖଣ୍ଡା ଧରି ଗୋଡାଇଲେ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଖଣ୍ଡା ଧରି ଗୋଡାଉଥିବା ଏହି ଭିଡିଓଟି ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଖରିଆପଡା ଗ୍ରାମର ବିଶ୍ୱଜିତ ମଲିକ ତାଙ୍କୁ ଖଣ୍ଡା ଧରି ଜୀବନରୁ ମାରିଦେବାକୁ ଗୋଡାଉଥିବା ଅଭିଯୋଗ କରିବା ସହିତ ତାଙ୍କ ଜୀବନର ସୁରକ୍ଷା ପାଇଁ ପୋଲିସକୁ ନିବେଦନ କରୁଥିବା ଅନ୍ୟ ଏକ ଭିଡିଓଟି ମଧ୍ୟ ଭାଇରାଲ ହେବାରେ ଲାଗିଛି। ତେବେ ପଟ୍ଟାମୁଣ୍ଡାଇ ସହରରେ ପୂର୍ବରୁ କେବେ ଏଭଳି ଘଟଣା ଘଟିନଥିବା ବେଳେ ଏଭଳି ଏକ ଘଟଣା ଘଟିବା ନେଇ ଭିଡିଓଟି ପ୍ରଥମ ଥର ଭାଇରାଲ ହେଉଥିବାରୁ ପଟ୍ଟାମୁଣ୍ଡାଇରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ ହେବା ସହିତ ଏହି ଘଟଣାର ତଦନ୍ତ ଦାବି କରାଯାଇଛି।

## ଅଗ୍ନିବିପନ୍ନଙ୍କୁ ସହାୟତା



ଡେରାବିଶ, ୧୧।୨(ସମିସ): ଡେରାବିଶ ବ୍ଲକ କୁଶିଆପାଳ ପଂଚାୟତ ଅନ୍ତର୍ଗତ ବାବୁରାମ ପାଟଣା ଗ୍ରାମର ସୁଲୋଚନା ସାହୁଙ୍କର ଦୁଇ ବଖରା ଘର ଗତ ରବିବାର ରାତିରେ ପୋଡ଼ି ଭସ୍ମିଭୂତ ହୋଇଯାଇଥିଲା। ଏଥିରେ ସୁଲୋଚନାଙ୍କର ବର୍ଷକର ଆହାର ସମେତ ସର୍ବସ୍ୱ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ସମବେଦନା ପ୍ରକାଶ କରିବା ସହିତ ତାଙ୍କ ନିର୍ଦ୍ଦେଶରେ ବରିଷ୍ଠ ନେତା ସରୋଜକାନ୍ତ ନାୟକ, ବିଧାୟକଙ୍କ ଡେରାବିଶ ବ୍ଲକ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ ଓ ସୁକାନ୍ତ ଦ୍ୱିବେଦୀ ବିପନ୍ନ ପରିବାର ନିକଟରେ ପହଂଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ କୁଶିଆପାଳ ସରପଂଚ ଦୟାନିଧି ଦାସ, ଯୁବନେତା ଅଶୋକ ସାହୁ, ସମିତିସଭ୍ୟ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଲମୁଗବାଡ଼ିରେ ଭାଗବତ ପାରାୟଣ ସପ୍ତାହ



କେନ୍ଦ୍ରାପଡା,୧୧।୨(ସମିସ):କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଞ୍ଚାୟତର ବିଲମୁଗବାଡି ଗ୍ରାମରେ ଦିବ୍ୟ ପୁରୁଷ ଋଷି ପ୍ରତିମ ବ୍ରହ୍ମଲୀନ ମାୟାଧର ଜେନାଙ୍କ ଦ୍ୱାରା ସଂସ୍ଥାପିତ ଭାଗବତ ପାରାୟଣ ସପ୍ତାହ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସାତ ଦିନ ଧରି ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ହୋମଯଜ୍ଞ, ଆରତି, ଭଜନ, ସଂକୀର୍ତ୍ତନ, ପ୍ରବଚନ ଏବଂ ଭକ୍ତି ରସାତ୍ମକ ନୃତ୍ୟ ପରିବେଷଣ କରାଯାଇଥିଲା। ୬ଷ୍ଠ ସନ୍ଧ୍ୟାରେ ଭାବଗ୍ରାହୀ କଳା ନିକେତନର ଶିଳ୍ପୀ ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ ନୃତ୍ୟ ପରିବେଷଣ କରିଥିଲେ। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସମେତ ରଞ୍ଜନ ବରାଳ, ମହେନ୍ଦ୍ର ଭାଇ, ସୁରେନ୍ଦ୍ର ଭାଇ ପ୍ରମୁଖ ଭଜନ ଗାଇଥିଲେ। ପୂଜକ ଅନନ୍ତ ଦାଶ ଏବଂ ଭାଗୀରଥି ଦାଶ ସପ୍ତା ଗୋସାଇଁଙ୍କ ନୀତି କାନ୍ତି ସହିତ ଭାଗବତ ପାରାୟଣ କାର୍ଯ୍ୟ ସଫଳତାର ସହିତ ସମାହିତ କରିଥିଲେ। ମାୟାଧର ଜେନାଙ୍କ ନାତି ଦୁର୍ଗାଚରଣ ଜେନା ଏବଂ କୁସୁମ ଜେନା କର୍ତ୍ତା ଓ କର୍ତ୍ତ୍ରୀ ଭାବରେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। କୁଳମଣି ଜେନା,ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଧୀରାମଣି ପରିଡା, ବେତାର ଶିଳ୍ପୀ ରାଧାମୋହନ ଜେନା, ରୀତା ଜେନା, ରୀତେଶ ଜେନା, "ସୈ।ଭାଗ୍ୟ ଜେନା, ଲୋରା ଜେନା, ଶ୍ରୋତା ଶ୍ରୀ କଳ୍ପତରୁ ଜେନା, ଲିଜା, ରୀମା, ବାବା, ଲିପୁ, ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ। କାଞ୍ଚି ଅଭିଯାନ ବେଶରେ ସୁସଜ୍ଜିତ ଅଶ୍?ାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ବଳଦେବ , ମା ସୁଭଦ୍ରା ଏବଂ ବାସୁଦେବଙ୍କ ବିଗ୍ରହ ଦର୍ଶନ କରି ସମସ୍ତେ ଅଭିଭୂତ ହୋଇଥିଲେ।"

# ଉଠା ଦୋକାନୀଙ୍କୁ ଥଇଥାନ, ପରିବା ମାର୍କେଟ୍ ହେବ ସ୍ଥାନାନ୍ତର

### ଉତ୍କଳମଣି ଯୁବକ ସଂଘ ଚିଠିର ଉତ୍ତର ରଖିଲେ ଓଡ଼ିଶା ଗୃହ ଏବଂ ନଗର ଉନ୍ନୟନ ବିଭାଗ

**ପଟ୍ଟାମୁଣ୍ଡାଇ,୧୧।୨(ସମିସ):** ଉଠା ଦୋକାନୀଙ୍କୁ କରାଯିବ ଥଇଥାନ। ବାଇପାସ ଠାରେ ବିପଦ ସଙ୍କୁଳ ଅବସ୍ଥାରେ ଚାଲିଥିବା ପରିବା ମାର୍କେଟ ହେବ ସ୍ଥାନାନ୍ତର। ଏଭଳି ଉତ୍ତର ରଖିଛି ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ। ଦୈନିକ 'ସକାଳ'ରେ ପ୍ରକାଶିତ ଖବରକୁ ଆଧାର କରି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ଲେଖାଯାଇଥିବା ଏକ ଚିଠିର ଉତ୍ତରରେ ଏଭଳି କହିଛି ଗୃହ ଓ ନଗର ଉନ୍ନୟନ ବିଭାଗ ।ସମ୍ପ୍ରତି ବର୍ଷ ବର୍ଷ ଧରି ଚାଲି ଆସିଥିବା ପଟ୍ଟାମୁଣ୍ଡାଇ ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରାଯିବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ ପୂର୍ବ ସ୍ଥାନକୁ ଫେରାଇ ଆଣିବା ପାଇଁ ପ୍ରଶାସନ ଠୋସ ପଦକ୍ଷେପ ଗ୍ରହଣ କରିନାହିଁ। କରୋନା ସମୟରେ ଗତ ୨୦୨୦ ମସିହାରେ ତତ୍କାଳୀନ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନ କରୋନା ମହାମାରୀରୁ ଲୋକଙ୍କୁ ସୁରକ୍ଷା ଦେବା ଆଳରେ ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ରସ୍ଥଳରେ ଥିବା ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ ପଟ୍ଟାମୁଣ୍ଡାଇ ପୁରୁଣା ବାଇପାସ ରାସ୍ତା ପାଶ୍ୱର୍କୁ ସ୍ଥାନାନ୍ତର କରିଥିଲା। ଦୀର୍ଘ ୪ ବର୍ଷରୁ ଉଦ୍ଧ୍ୱର୍ ସମୟ ଧରି ବାଇପାସ୍ ରାସ୍ତାର ଉଭୟ ପାଶ୍ୱର୍ରେ ବିପଦପୂର୍ଣ୍ଣ ଭାବେ ଚାଲିଛି ସାପ୍ତାହିକ ହାଟ ଓ ଦୈନିକ ପରିବା ହାଟ। ବାଇପାସ ରାସ୍ତାଟି ରାଜନଗର ଓ ଆଳିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ରାସ୍ତା ଉପର ଦେଇ ଦୈନିକ ଶହ ଶହ ସଂଖ୍ୟାରେ ଭାରି ଯାନ, ଯାତ୍ରୀବାହୀ ବସ ଓ ଅନ୍ୟାନ୍ୟ

**● ୨୦୨୦ ମସିହାଠାରୁ ବାଇପାସ୍ ରାସ୍ତାରେ ଚାଲିଛି ବ୍ୟବସାୟ**

**● ଥଇଥାନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ୩୭ ଉଠା ଦୋକାନୀ**

ଯାନବାହାନ ଚଳାଚଳ କରିଥାଏ। ରାସ୍ତାର ଉଭୟ ପାଶ୍ୱର୍ରେ ସ୍ଥାୟୀ ଓ ଅସ୍ଥାୟୀ ବଜାର ଦୋକାନ, ପରିବା ହାଟ ଚାଲିଥିବାରୁ ଗହଳି ଲାଗିରହୁଛି। ନିକଟ ଅତୀତରେ ଏହି ହାଟକୁ ପରିବା କିଣିବାକୁ ଯାଇଥିବା ପଟ୍ଟାମୁଣ୍ଡାଇ କୋର୍ଟର ପୂର୍ବତନ ଏପିପି ଅଭିରାମ କୁଣ୍ଡଙ୍କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପଟ୍ଟାମୁଣ୍ଡାଇ ସହରର କେନ୍ଦ୍ର ସ୍ଥଳୀରୁ ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ ଅପସାରଣ କରାଯିବା ପରେ ମୁଖ୍ୟ ବଜାରଟି ଏବେ ଖାଁ ଖାଁ ଲାଗୁଛି। ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ କେନ୍ଦ୍ର କରି ଗଢିଉଠିଥିବା ଦୋକାନ ବଜାରର ବ୍ୟବସାୟୀ ମାନେ ହାଟ ବାନ୍ଧି ବସିଥିବା ବେଳେ ବହୁ ଦୋକାନ ବଜାର ଛାଁକୁ ଛାଁ ବନ୍ଦ ହୋଇଗଲାଣି। ପୁନଶ୍ଚ ସହର ବାହାରେ ରାସ୍ତା ପାଶ୍ୱର୍ରେ ପରିବା ହାଟ ଚାଲିଥିବାରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଠିକ ଭାବେ ତଦାରଖ ହେଉନାହିଁ। ପୁଲିସ ପାଟ୍ରୋଲିଂ ହେଉନଥିବାରୁ ବ୍ୟବସାୟୀମାନେ ରାତିର୍ରେ ନିୟମିତ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ରଞ୍ଜନ କୁମାର ବେହେରାଙ୍କ ସମେତ ବହୁ ବ୍ୟବସାୟୀଙ୍କ ବ୍ୟବସାୟୀ ସରଞ୍ଜାମ ଚୋରି ହୋଇଥିବା ନଜରକୁ ଆସିଛି। ସ୍ଥାନଚ୍ୟୁତ ହୋଇଥିବା ୩୭ ଜଣ ଉଠା ବ୍ୟବସାୟୀ ତାଙ୍କୁ ଥଇଥାନ ପାଇଁ ମାନ୍ୟବାର ଉଚ୍ଚ ନ୍ୟାୟଳୟଙ୍କ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେମାନଙ୍କୁ ଥଇଥାନ କରାଯାଇନଥିବା ଅଭିଯୋଗ ହୋଇଛି। ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଥିଲେ ମଧ୍ୟ ଉଠା ଦୋକାନୀଙ୍କୁ ଥଇଥାନ କରାଯାଇନଥିବାରୁ ବହୁ ଭେଣ୍ଡିଂ ଜୋନର କ୍ୟାବିନ ଗୁଡିକ କଳଙ୍କି ଲାଗି ଖତ ହେବାକୁ ବସିଲାଣି। ଏହି କ୍ୟାବିନଗୁଡିକ ଅସାମାଜିକ ବ୍ୟକ୍ତିମାନଙ୍କ ଅଡ୍ଡିଆରକୁ ଚାଲିଗଲାଣି। ବାଇପାସ ରାସ୍ତା ପାଶ୍ୱର୍ରେ ଚାଲିଥିବା ସାପ୍ତାହିକ ହାଟ ଓ ପରିବା ମାର୍କେଟ ସ୍ଥାନରେ ଆଲୋକିକରଣର ବ୍ୟବସ୍ଥା କରାଯାଇନାହିଁ। ସନ୍ଧ୍ୟା ପରେ ବାଇପାସ ରାସ୍ତା ଅନ୍ଧକାରରେ ପୁରି ରହୁଥିବାରୁ ବ୍ୟବସାୟୀ ଓ ଗ୍ରାହକ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ସହରର ସର୍ବପୁରାତନ ସାପ୍ତାହିକ ହାଟ ଓ ପରିବା ମାର୍କେଟକୁ ପୂର୍ବ ସ୍ଥାନକୁ ଫେରାଇ ନେବା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୌରପରିଷଦ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ଗୃହ ନଗର ଉନ୍ନୟନ ବିଭାଗ ତାଙ୍କ ଉତ୍ତରରେ କହିଛନ୍ତି ଆହାର କେନ୍ଦ୍ର ନିକଟରେ ଥିବା ଭେଣ୍ଡିଂ ଜୋନରେ ୪୪ ଜଣ ଉଠା ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଅନ୍ୟ ପକ୍ଷରେ ପଟ୍ଟାମୁଣ୍ଡାଇ ବସ ଷ୍ଟାଣ୍ଡ ସଂଲଗ୍ନ ସ୍ଥାନରେ ସ୍ଥାୟୀ ପରିବା ମାର୍କେଟ ସ୍ଥାପନ କରାଯିବା ପାଇଁ ବୈଷୟିକ ମଞ୍ଜୁରି ସହିତ ବ୍ୟୟବରାଦ କରାଯାଇଛି।

## ଦଶମ ବାର୍ଷିକ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ

ଡେରାବିଶ, ୧୧।୨(ସମିସ):ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଦଶମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଦଧିବାମନଜୀଉ ଶ୍ରୀରାମ ଚରିତ ମାନସ ପାରାୟଣ ସମିତି ପକ୍ଷରୁ ଚଳିତ ମାସ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଞ୍ଜାମର ବାବା ପରମେଶ୍ୱର ଦାଶ ବ୍ୟାସ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ଶାନ୍ତିଧାମ କରମଳାର ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାଶ, ବାଙ୍କିର ଗୀତାଞ୍ଜଳୀ ଜେନା, ପୁରୀର ଭକ୍ତି ଭରଦ୍ୱାଜ ପ୍ରତାପ ନନ୍ଦଜୀ, ଭଦ୍ରକର ପଣ୍ଡିତ ଅକ୍ଷୟ ମହାରାଜ ଓ ମାନସ କୋକିଳ ଅନଙ୍ଗ ଦାସ ପ୍ରମୁଖ ୯ ଦିନ ବ୍ୟାପୀ ସମ୍ପୂର୍ଣ୍ଣ ରାମାୟଣ ଗାଥା ଉପସ୍ଥିତ ଭକ୍ତମାନଙ୍କୁ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ମହାରଣା ଓ ବବ୍ରୁବାହାନ ମହାରଣା କର୍ତ୍ତାକର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ସଞ୍ଜୟ ସାହୁ, ଅନିରୁଦ୍ଧ ବେହେରା, ଦିବାକର ପଣ୍ଡା, ଭଗବାନ ରଣା, ରତ୍ନାକର ପଣ୍ଡା, ବିଚିତ୍ରାନନ୍ଦ ବିଶ୍ୱାଳ, ରାମଚନ୍ଦ୍ର ରାଉତ, ଅକ୍ଷୟ ପଣ୍ଡା, ନୃସିଂହ ଚରଣ ଓଝା, ନୀଳମଣି ଦାସ, ବିଶ୍ୱନାଥ ଓଝା, ଲକ୍ଷ୍ମୀଧର ବେହେରା, ବିଶ୍ୱମୋହନ ଦାସ, ଅଜୟ ସାହୁ, ଉଦୟନାଥ ସାହୁ, ବିପିନ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଳ ଜହ୍ନିମୂଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ଡେରାବିଶ, ୧୧।୨(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଫଗୋଳ ଜହ୍ନିମୂଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ସରପଂଚ ଅଜୟ କୁମାର ମଲ୍ଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଓ ସମ୍ମାନିତ ଅତିଥିଭାବରେ ସହ ଅତିରକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ ଓ ଦେବଦତ ଶତପଥି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ଅନାଦି ଚରଣ ଓଝା, ଖଗେଶ୍ୱର ନାଥ, ଲଲାଟ କେଶରୀ ଭୂୟାଁ, ବିଦ୍ୟାଳୟର ଉପଦେଷ୍ଟା ଭାରତ ଭୂଷଣ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଧାଂଶୁ ଭୂଷଣ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସ୍ତରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସିଆରସିସି ପ୍ରମୋଦ କୁମାର ମଲ୍ଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଆରତୀ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅର୍ଚ୍ଚନା ସାହୁ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସିଆରସିସି ବିଶ୍ୱଜିତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ ଓ ଛାତ୍ରାଭିଭାବକମାନେ ଉପସ୍ଥିତ ରହିଥିଲେ।

### ବିଶ୍ୱାସ ଓ ଈଶ୍ୱରୀୟ ଅନୁଭବର ପାରମ୍ପରିକ ମହୋତ୍ସବ

# ଦେବୀ-ମାନବ ବିବାହର ବଳି ବାସୁଳି ବିବାହ

ରାଜକନିକା,୧୧।୨(ସମିସ):

ରାଜକନିକାର ଅନ୍ୟତମ ଶକ୍ତିପୀଠ ବଜରପୁରର ଅଧିଷ୍ଠାତ୍ରୀ ଦେବୀ ମା ବାସୁଳିଙ୍କର ବିବାହକୁ ନେଇ ଅଞ୍ଚଳବାସୀମାନଙ୍କ ମଧ୍ୟରେ ଖୁବ ଉତ୍ସାହ ଭରିଦେଇଛି । ବୈଦିକ ରୀତିନୀତିର ପାରମ୍ପରିକ ବିବାହ ଉତ୍ସବର ସମସ୍ତ ଖସଡ଼ାକୁ ମାନି ଆଜି ରାତିରେ ଏହି ପୀଠର ଦେବୀଙ୍କ ସହ ରିଘାଗଡ଼ର କୁମ୍ଭାର ରାଜା ପୁତ୍ରଙ୍କ ବିବାହ କରାଇବାକୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି । ପ୍ରତିବର୍ଷ ମାଘ ମାସର ପୁନେଇଁ ରାତିରେ ଅନୁଷ୍ଠିତ ହୋଇଆସୁଥିବା ମା' ଙ୍କ ବିବାହୋତ୍ସବ ଏହି ଅଞ୍ଚଳର ଜନମାନସରେ ଏକ ସାଂସ୍କୃତିକ ଭାବଧାରାର ପରିଚୟ ଦେଇ ଆସୁଥିବା ବେଳେ ଏହି ବିବାହ ନ ସରିବା ଯାଏ ସମ୍ପୃକ୍ତ ୨୨ଖଣ୍ଡ ମୌଜାର ଅଧିବାସୀ ମାନେ କୌଣସି ମାଙ୍ଗଳିକ କାର୍ଯ୍ୟ (ଯଥା ବିବାହ, ବ୍ରତ, ଗୃହପ୍ରବେଶ, ବିବାହ ଲଗ୍ନ ସ୍ଥିର, କୌଣସି ପୂଜାପାଠ) ନ କରିବା ମା' ଙ୍କ ପ୍ରତି ସମର୍ପଣର ମାନସିକତାକୁ ସୂଚାଇ ଦେଉଛି। ତେବେ କିମ୍ବଦନ୍ତୀ ଅନୁସାରେ ଏକଦା ଭଞ୍ଜବଂଶର ଶାସନରେ ରହିଥିବା ତତ୍କାଳୀନ କନିକା ଇଷ୍ଟେଟର ରାଜଧାନୀ ଥିବା ବଜରଗଡ଼ (ଅଧୁନା ବଜରପୁର) ରାଜବଂଶର ଇଷ୍ଟ ଦେବୀ ଭାବେ ମା' ବାସୁଳି ପୂଜା ହୋଇ ଆସୁଥିଲେ। ନଦୀ ପରିବେଷ୍ଟିତ ଥିବା ଏହି ଭୂଖଣ୍ଡରେ ଘଞ୍ଚ ଜଙ୍ଗଲ ଥିବାରୁ ମା' ନିଜେ ଅପରୂପା ଯୁବତୀ ବେଶରେ ସାନ୍ଧ୍ୟ ଭ୍ରମଣରେ ବିହାର କରୁଥିବା ବେଳେ ନଦୀ ଆରପାରିର ରାଜୁତି କରୁଥିବା ରିଘାଗଡ଼ର କୁମ୍ଭାର ରାଜବଂଶର ରାଜା ବଳି ଓ ତାଙ୍କ ଭାଇ କନିକା ପଟକୁ ପାରିଧିରେ ଆସି ମା' ଙ୍କ ରୂପରେ ଆକୃଷ୍ଟ ହୋଇ ତାଙ୍କୁ ବିବାହ କରିବାକୁ ମନ ବଳାଇଥିଲେ । ତେବେ ମା' ନିଜ ପରିଚୟ ଦେଇ ନିଜେ ଦେବୀ ହୋଇଥିବାରୁ ଏଭଳି ବିବାହକୁ ବାରଣ କରିଥିଲେ । ମାତ୍ର ରାଜା ଅବୁଝା ନ୍ୟାୟରେ ରାଜା ବଳି ନିଜ ଜିଦରେ ବିବାହ କରିବାକୁ ଅଟଳ ରହିବାରୁ ମା' ବିବାହ ପାଇଁ ସମ୍ମତି ଜଣାଇ ଏକ ଅଭିନବ ସର୍ତ୍ତ ରଖିଥିଲେ ।ସର୍ତ୍ତ ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲେ ମଧ୍ୟ ବାସର ରାତିରେ ବଳି ମା'ଙ୍କୁ ଛୁଇଁବା ମାତ୍ରକେ ଭସ୍ମ ହୋଇଯାଇଥିଲେ। ହେଲେ ଏଭଳି ଏକ କଥିତ ମାଙ୍ଗଳିକ ଭାବଧାରାରେ ବନ୍ଧା ହୋଇ ଆସିଥିବା, ସେହି ଇଲାକାର ୨୨ଖଣ୍ଡ ମୌଜାର ଅଧିବାସୀ ଆଜି ଯାଏ ପରମ୍ପରା କ୍ରମରେ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ରିଘାଗଡ଼ର କୁମ୍ଭାର ରାଜବଂଶର ପ୍ରତୀକ ରାଜପୁତ୍ରକୁ ବର ବେଶରେ



ବାଣ ରୋଷଣୀ ସହ ବରଯାତ୍ରୀଙ୍କ ମେଳରେ ଆଣି ମା' ଙ୍କ ପୀଠରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ କରାଇ ଏ ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରି ଆସିଛନ୍ତି । ବର ପିତା ଭାବରେ କୁମ୍ଭାର ରାଜବଂଶର ଜନୈକ ପ୍ରତିନିଧି ଦୁଇ ରାଜପୁତ୍ରଙ୍କ ମାଟିର ପ୍ରତିକୃତିକୁ ଆଣି ବିବାହ ବେଦୀରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇ ଥିବା ବେଳେ କନ୍ୟାପିତା ଭାବରେ ମା' ଙ୍କ ପୂଜକ କନ୍ୟାଦାନ କରିଥାନ୍ତି । କନିକାର ବଳି -ବାସୁଳି ବିବାହ ଏହି ଇଲାକା ପାଇଁ ଆକର୍ଷଣ ପାଲଟିଥିବାରୁ ମା' ଙ୍କ ପୀଠ ଚଳଚଞ୍ଚଳ ରହିଛି । ଆଜି ସନ୍ଧ୍ୟାରେ ରିଘାଗଡ଼ ଘାଟ ପାର ହୋଇ କୁମ୍ଭାର ରାଜବଂଶର ପ୍ରତୀକ ବରକୁ ବିବାହ ବେଦୀକୁ ଶୋଭାଯାତ୍ରାରେ ଅଣାଯିବା ପରେ ମା' ଙ୍କ ପୀଠରେ ବିବାହ ସମ୍ପନ୍ନ କରାଯିବାର କାର୍ଯ୍ୟକ୍ରମ ଥିବାରୁ ଜନଗହଳି ବଢି ଯାଇଛି ।କନିକା ରାଜ ପରିବାର ପକ୍ଷରୁ ବଳି -ବାସୁଳି ବିବାହ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇ ଥିବା ବେଳେ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗର ଅଂଶଗ୍ରହଣ ପୀଠକୁ ପ୍ରାଣବନ୍ତ କରି ରଖିଛି ।

## ସିନର୍ଜୀ ଶିକ୍ଷାନୁଷ୍ଠାନ ସମୂହର 'ସିନଫେଷ୍ଟ' ଉଦଘାଟିତ



ଢେଙ୍କାନାଳ,୧୧।୨(ସମିସ): ସ୍ଥାନୀୟ ସିନର୍ଜୀ ଶିକ୍ଷାନୁଷ୍ଠାନ ସମୂହ ତରଫରୁ ୨୫ତମ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ସିନଫେଷ୍ଟ ମଙ୍ଗଳବାର ଉଦଘାଟିତ ହୋଇଛି। ସିନର୍ଜୀ ବୈଷୟିକ ମହାବିଦ୍ୟାଳୟ ପରିସରରେ ୨ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିଅୟର କାମାକ୍ଷା ପ୍ରସାଦ ସିଂହଦେଓ, ବିପିୟୁଟିର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ, ଢେଙ୍କାନାଳ ମହାରାଣୀ, ସିନର୍ଜୀର ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ପ୍ରଫେସର ଡ. ପିକେ ନାୟକ, ଡ. ଇତିଶ୍ରୀ ମହାନ୍ତି, ପ୍ରଫେସର କଳ୍ପନା ଦାସ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ସିଂହଦେଓ ତାଙ୍କ ଅଭିଭାଷଣରେ କହିଲେ ଯେ ଡ. ଦାଶରଥୀ ମିଶ୍ରଙ୍କ ଯୋଗୁଁ ଜଣେ ଢେଙ୍କାନାଳିଆ ଭାବେ ସେ ବେଶ୍ ଗୌରବାନ୍ୱିତ। ଜ୍ଞାନର କୌଣସି ସୀମା ନାହିଁ। ଜ୍ଞାନ ଆହରଣ ପାଇଁ ମଧ୍ୟ ସୀମା ନାହିଁ। ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ସିନଫେଷ୍ଟ ଅବସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବଡ଼ଗୁଣ୍ଡୁରୀ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



କଣିହାଁ,୧୧।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଇଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବଡ଼ଗୁଣ୍ଡୁରୀ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ସମଗ୍ର ଶିକ୍ଷା ଓ ନିପୁଣ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାରେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଣିହାଁ ଏବିଇଓ ସୁଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାଗ୍ମୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଡାକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ କୁମାର ଦାସ, ବଡ଼ଗୁଣ୍ଡୁରୀ ସରପଞ୍ଚ ସତ୍ୟାନନ୍ଦ ପ୍ରଧାନ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ବେହେରା, କ୍ଲଷ୍ଟର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ, ଗୋଇଲାଣ୍ଡ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି ଓ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସିଆରସିସି ନୀଳମଣି ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ନିପୁଣ ଓଡ଼ିଶା ମେଳାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଶିକ୍ଷଣ ସାଧନ ଉପକରଣ ପ୍ରଦର୍ଶନୀକୁ ଅତିଥିମାନେ ଉଦଘାଟନ କରି ପରିଦର୍ଶନ କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉଭୟ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟାଜ୍ଞାନ ପ୍ରଦର୍ଶନୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ମୁନା ନାଏକ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡହତା ସ୍କୁଲରେ ନିପୁଣ ଓଡ଼ିଶା ମେଳା




କିଶୋରନଗର,୧୧।୨(ସମିସ): କିଶୋରନଗର ବ୍ଲକ ଖଣ୍ଡହତା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ସିଆର୍‌ସିସି ସୁରେନ କୁମାର ବେହେରାଙ୍କ ତତ୍ତ୍ୱାବଧାନ ତଥା ଏବିଇଓ ପ୍ରଭାକର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ସରପଞ୍ଚ ସଞ୍ଜିତ କୁମାର ସାହୁ, ମୁଖ୍ୟବକ୍ତା ରୂପେ ରାଜ୍ୟ ସାଧନ କର୍ମୀ ତଥା ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ସମ୍ମାନିତ ଅତିଥି ରୂପେ ପ୍ରଧାନଶିକ୍ଷକ ଶରତ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ପ୍ରଧାନ, ରଶ୍ମିତା ସେଠୀ ଯୋଗଦେଇଥିଲେ। ଶିକ୍ଷକ ଭୈରବ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ପ୍ରାଥମିକ ଶିକ୍ଷା ସ୍ତରରେ ମୌଳିକ ସାକ୍ଷରତା ଓ ଗଣନାର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷଣ ସାମଗ୍ରୀ ମାଧ୍ୟମରେ କିପରି ଶିକ୍ଷାପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରାଯାଇପାରିବ ସେ ଉପରେ ୮୦ଟି ସୃଜନାତ୍ମକ ପ୍ରକଳ୍ପ ମେଳାରେ ଉପସ୍ଥାପନ ହୋଇଥିଲା। ସାକ୍ଷରତା ଉପରେ ୩୭, ସଂଖ୍ୟାଜ୍ଞାନ ଉପରେ ୨୮ ଓ ୧୫ଟି ସୃଜନାତ୍ମକ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୯ଟି ଶ୍ରେଷ୍ଠ ପ୍ରକଳ୍ପକୁ ଚୟନ କରାଯାଇ ସମ୍ମାନିତ କରାଯାଇଛି। ବିଚାରକ ରୂପେ ଶରତ ପ୍ରଧାନ, ସୁଦାମ ଚରଣ ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁସୂଦନ ଶିକ୍ଷାନିବାସର ବାର୍ଷିକ କ୍ରୀଡ଼ା



ଗଁଦିଆ,୧୧।୨(ସମିସ): ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମସ୍ଥିତ ମଧୁସୂଦନ ଶିକ୍ଷା ନିବାସର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍‌ର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମଣିଷ ପରି ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଚାପମୁକ୍ତ ହୋଇ ଅଧ୍ୟୟନ କଲେ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ସାହୁଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନିବାସର ଅଧ୍ୟକ୍ଷା ସୌଭାଗିନୀ ମୁଦୁଲି, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବାରିକ, ଶ୍ରଦ୍ଧାଞ୍ଜଳି ସାହୁ, ପ୍ରିୟପଦା ସାହୁ, ଶିଳ୍ପା ଗୁରୁ ପ୍ରମୁଖ ସହଯୋଗ କରିଥିଲେ।

### ଆଇଆଇଏମ୍‌ସିରେ ସ୍ୱାସ୍ଥ୍ୟ ସାମ୍ବାଦିକତା ଉପରେ କର୍ମଶାଳା

# 'ପ୍ରଭାବଶାଳୀ ଯୋଗାଯୋଗ ଦ୍ୱାରା ଫାଇଲେରିଆ ଦୂର ହୋଇପାରିବ'

ଢେଙ୍କାନାଳ,୧୧।୨(ସମିସ):



ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଓ ମ୍ୟାଡ୍ସ କମ୍ୟୁନିକେସନ୍ସ ମିଳିତ ଆନୁକୂଲ୍ୟରେ 'ସ୍ୱାସ୍ଥ୍ୟ ସାମ୍ବାଦିକତା' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ବିଶେଷ କରି ଫାଇଲେରିଆ ଓ କଳା-ଆଜାର ରୋଗର କାରଣ, ନିରାକରଣ, ପ୍ରତିଷେଧକ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଛି। ଗଣମାଧ୍ୟମ କିପରି କାହାଣୀ-କଥନ ମାଧ୍ୟମରେ ଫାଇଲେରିଆ ନିରାକରଣ ପାଇଁ ସଚେତନତା କରିପାରିବ ସେ ନେଇ ମ୍ୟାଡ୍ସ କମ୍ୟୁନିକେସନ୍ସର ନିର୍ଦ୍ଦେଶିକା ଶିବାନୀ ପାଣ୍ଡେ ଆଲୋକପାତ କରିଥିଲେ। ଏହାସହ ଫାଇଲେରିଆ ରୋଗର ବିଭିନ୍ନ ଦିଗ, ଏହାର ନିରାକରଣ ପାଇଁ ସରକାରୀ ସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଫାଇଲେରିଆ ଉପରେ ଶିବାନୀଙ୍କ ଦ୍ୱାରା ନିର୍ମିତ ଦୁଇଟି ବୃତ୍ତଚିତ୍ର ଏବଂ ଗୋଟିଏ ଆନିମେଟେଡ୍ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେହିପରି ପିସିଆଇ ଇଣ୍ଡିଆ ବେସରକାରୀ ସଂଗଠନର ପ୍ରଖର ସାକ୍ସେନା ଫାଇଲେରିଆ ନିରାକରଣ ଦିଗରେ ଗୋଷ୍ଠୀ ସମୂହର ଭୂମିକା ଓ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଯୋଗାଯୋଗ ଦ୍ୱାରା ଫାଇଲେରିଆ ଦୂର କରାଯାଇ ପାରିବ ବୋଲି ଗ୍ଲୋବାଲ୍ ହେଲ୍‌ଥ ଷ୍ଟ୍ରାଟେଜି ସଂଗଠନର ବିରାଜ ଗୌର ମତବ୍ୟକ୍ତ କରିଥିଲେ। ସେ କହିଲେ, ଫାଇଲେରିଆ ନିରାକରଣ ଦିଗରେ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ଏଥିପାଇଁ ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଆପଣାଇବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମ୍‌ସିର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ, ଡ. ଚିରସ୍ରୋତା ଜେନା, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାରିକା ଶୁଭଙ୍କରୀ ଦାସ, ଏକାଡେମିକ ଆସୋସିଏଟ୍ ସନତ ପାଢ଼ୀ, ସୌମ୍ୟରଞ୍ଜନ ବିହାରାଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଫାଇଲେରିଆ ରୋଗ ଉପରେ ଏକ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂରାଜୀ ସାମ୍ବାଦିକତା ବିଭାଗର ଦିବାକର ଓ ଉତ୍ପଳ କୁମାର ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ିଆ ସାମ୍ବାଦିକତା ବିଭାଗର ଆଶୁତୋଷ ମହାପାତ୍ର ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି।

## ବହୁ ବାଦବିବାଦ ପରେ ବସିଲା ଏନଏସି ବୈଠକ



● ପାରିତ ହେଲାନି ଉନ୍ନୟନ କାର୍ଯ୍ୟ ପ୍ରସ୍ତାବ
● ଯୋଗଦେଲେନି ବିଧାୟିକା, ସାଂସଦ

ହିନ୍ଦୋଳ,୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର ବିବାଦୀୟ ହିନ୍ଦୋଳ ଏନଏସିର ପାରିଷଦ ବୈଠକ ବହୁ ଦାବି ଓ ବାଦବିବାଦ ପରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ପରିଚାଳନା କରିଥିଲେ। ଗୋଟିଏ ୱାର୍ଡରେ ଲୁଚାଛପାରେ କାର୍ଯ୍ୟ ହେଉଥିବା ବେଳେ ଆଉ ଗୋଟିଏ ୱାର୍ଡରେ ଉନ୍ନତି ମୂଳକ କାର୍ଯ୍ୟ ବନ୍ଦକୁ ନେଇ ଆରମ୍ଭରୁ ବିବାଦ ଉପୁଜିଥିଲା। କନିଷ୍ଠ ଯନ୍ତ୍ରୀଙ୍କ ଅନିୟମିତ କାର୍ଯ୍ୟପାଇଁ ୱାର୍ଡବାସୀ ସମସ୍ୟାରେ ପଡ଼ିବାକୁ ନେଇ ପାରିଷଦମାନେ ପ୍ରଶ୍ନ ଉଠାଇଥିଲେ। ବୈଠକରେ ଆୟବ୍ୟୟ ହିସାବ ଦିଆ ନ ଯିବା, ସ୍ମାର୍ଟ ପାର୍କ ଦୁର୍ନୀତି, ମାଟିମୋରମ ଦୁର୍ନୀତି ଓ ମୁକ୍ତା କାର୍ଯ୍ୟର ବିବରଣୀ ଦିଆ ନ ଯିବାକୁ ନେଇ ପାରିଷଦମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ବୈଠକରେ କୌଣସି ପ୍ରସ୍ତାବ ପାରିତ ହୋଇ ନ ଥିବା ବେଳେ ଅନୌପଚାରିକ ଭାବେ ଟେଣ୍ଡର କରାଯିବ କହି ବୈଠକକୁ ବନ୍ଦ କରିଦେବା ଘଟଣା ପୁଣି ବିବାଦ ସୃଷ୍ଟି କରିଛି। ଏହାକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସାଂସଦ, ବିଧାୟିକା କିମ୍ବା ସେମାନଙ୍କ ପ୍ରତିନିଧି ବୈଠକରେ ଯୋଗଦେଇ ନ ଥିଲେ। ବୈଠକରେ ଉପାଧ୍ୟକ୍ଷା ପ୍ରତିମା ରାଉତ, ସମସ୍ତ କାଉନସିଲର, ସବୁ ବିଭାଗର ଅଧିକାରୀ ଯୋଗଦେଇଥିବା ବେଳେ ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନିତ୍ୟାନନ୍ଦ ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ

ତାଳଚେରସଦର,୧୧।୨(ସମିସ): ତାଳଚେର ସହରସ୍ଥିତ ଶ୍ରୀ ଶ୍ରୀ ନିତ୍ୟାନନ୍ଦ ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ରବିବାର ପୂର୍ବାହ୍ନରେ ଅଧିବାସ, ସନ୍ଧ୍ୟାରେ ପୂଜାପାଠ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇ ମଣ୍ଡପରେ ଜଳପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ସୋମବାର ପ୍ରତ୍ୟୁଷରୁ ମଠ ପୂଜକ ଗୋଲେଖ ଚନ୍ଦ୍ର ଆଚାର୍ଯ୍ୟ ଠାକୁରଙ୍କୁ ଆଳତି କରିବା ପରେ ସମସ୍ତ ଦେବଦେବୀଙ୍କୁ ଆବାହନ କରାଯାଇ ନାମସଂକୀର୍ତ୍ତନ ଆରମ୍ଭ ହେବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସନ୍ଧ୍ୟାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସେହିପରି ମଙ୍ଗଳବାର ସକାଳୁ ପୂଜକ ଓ ମହନ୍ତ ଆନନ୍ଦ ଗୋପାଳ ଦାସ କାମାକ୍ଷାନଗରସ୍ଥିତ ଜିରାଳ ଗ୍ରାମରୁ ଆସିଥିବା ନାମସଂକୀର୍ତ୍ତନ ମଣ୍ଡଳୀ ବିରାଟ ପଟୁଆରରେ ରାଧାକୃଷ୍ଣଙ୍କୁ ନେଇ ତାଳଚେର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନଗର ସଂକୀର୍ତ୍ତନ କରାଯାଇ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରି ଦଧିହାଣ୍ଡି ଭଙ୍ଗାଯାଇଥିଲା। ତିନିଦିନ ବ୍ୟାପୀ ଆଶ୍ରମକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।

## ଆକ୍ସନ ମୁଡ୍‌ରେ ନୂଆ ପୌର ନିର୍ବାହୀ ଅଧିକାରୀ

ଅନୁଗୋଳ,୧୧।୨(ସମିସ): ଅନୁଗୋଳ ପୌରପାଳିକାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କାର୍ଯ୍ୟରେ ଯୋଗଦେବା ପରଠୁ ଆକ୍ସନ ମୁଡ୍‌ରେ ରହିଛନ୍ତି। ସୋମବାର ଏକ ଚିଠି କରି ଅଫିସ ସମୟରେ ଚା' ପିଆ ନାଁରେ ଖଟି କରିବା, ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ି ପଳାଇବା ଉପରେ ସେ ରୋକ୍ ଲଗାଇଛନ୍ତି। ଏହାଛଡ଼ା ବିଭିନ୍ନ ୱାର୍ଡ ବୁଲି ପରିମଳ ଅବସ୍ଥା ଦେଖିବା ସହ ଏଥିରେ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ହୋଟେଲଗୁଡ଼ିକୁ ମଧ୍ୟ ନିଜ ଅଳିଆ ବିନ ରଖି ସେଗୁଡ଼ିକୁ ଅଳିଆ ଗାଡ଼ିରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅନୁଗୋଳ ସହରରେ ପ୍ରଥମ ଥର ପାଇଁ ଆଣ୍ଟି ସ୍ମୋକ କ୍ୟାନନ ମାଧ୍ୟମରେ ବସଷ୍ଟାଣ୍ଡ ବଜାର ରାସ୍ତାରେ ସକାଳୁ ପାଣି ସିଞ୍ଚନ କରାଯାଇଛି। ରୋଡ୍ ସୁଇପିଙ୍ଗ ମେସିନ ସାହାଯ୍ୟରେ ରାସ୍ତା ଝାଡୁ ମଧ୍ୟ ଆରମ୍ଭ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କାର ଏହି ମେସିନ ପୌରପାଳିକା ପକ୍ଷରୁ କିଣାଯାଇଥିଲେ ମଧ୍ୟ ସେଗୁଡ଼ିକ ବ୍ୟବହାର କରା ନ ଯିବା ସହରବାସୀଙ୍କୁ କ୍ଷୁବ୍ଧ କରୁଥିଲା। ନୂଆ ଅଧିକାରୀଙ୍କ ଏହି ପଦକ୍ଷେପ କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସହରବାସୀ ଏହାକୁ ସ୍ୱାଗତ କରିଛନ୍ତି।



## ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ

ଅନୁଗୋଳ,୧୧।୨(ସମିସ): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅନୁଗୋଳ ଶାଖା ସୌଜନ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ ହୋଇଛି। ଏହି ଦିବସର ଚଳିତ ବର୍ଷର ବାର୍ତ୍ତା ହେଉଛି 'ଏକ ଉନ୍ନତ ଇଣ୍ଟରନେଟ୍ ପାଇଁ ଏକାଠି ହେବା'। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଇଣ୍ଟରନେଟ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧ୍ୟକ୍ଷ ସଞ୍ଜିତ କୁମାର ନାୟକ ସାଇବର ସୁରକ୍ଷା, ସାଇବର ସ୍ୱଚ୍ଛତା ଏବଂ ଦାୟିତ୍ୱବାନ ନିରାପଦ ଡିଜିଟାଲ ଅଭ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ, କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଏସ୍‌କେ ପ୍ରଧାନ, ବାଣିଜ୍ୟ ବିଭାଗ ମୁଖ୍ୟ ଏସ୍ ରଥ, ଆଇକ୍ୟୁଏସି ସଂଯୋଜକ ଏସି ରାଜହଂସ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ଅନୁଗୋଳ ଶାଖାର ସୁମନ୍ତ କୁମାର ମିଶ୍ର, ଅଜିତ୍ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଏନ୍‌ଆରଏମ୍‌ଏସର ସଂଯୋଜକ ଚିତ୍ତରଞ୍ଜନ ସାହୁଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଏନଟିପିସି ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଅରାହଟ ଚାମ୍ପିଅନ

ତାଳଚେରସଦର,୧୧।୨(ସମିସ): ଏନଟିପିସି ତାଳଚେର ଥର୍ମାଲ୍ ଦ୍ୱାରା ଫେବୃଆରୀ ୬ରୁ ୧୦ ପର୍ଯ୍ୟନ୍ତ ବନ୍ତୋଲ ଗ୍ରାମରେ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ବନ୍ତୋଲ ସନ୍ଥପଡ଼ା, ଗୁରୁଜାଙ୍ଗୁଲି ଏବଂ ଜଗନ୍ନାଥପୁର ପଞ୍ଚାୟତର ୧୬ ଦଳ ଅଂଶଗ୍ରହଣ କରିଥିଲେ।



ରୋମାଞ୍ଚକର ଫାଇନାଲ ମ୍ୟାଚରେ ଅରାହଟ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ତାଳଚେର ଥର୍ମାଲର ପ୍ରକଳ୍ପ ପ୍ରମୁଖ ବିଜୟ ଚାନ୍ଦ ଅତିଥି ଭାବେ ଯୋଗଦେଇ କହିଲେ, ଖେଳ ଏପରି ଏକ ଶକ୍ତି ଯାହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗ୍ରାମଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ସେ କହିଥିଲେ।

## ଗରିବ ପରିବାରକୁ ଘର ପ୍ରଦାନ ଦାବି

ଢେଙ୍କାନାଳ,୧୧।୨(ସମିସ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ବଦାଲୁ ଗ୍ରାମର ଗରିବ ପରିବାରକୁ ସରକାରଙ୍କ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ବଦାଲୁ ଗ୍ରାମର ମହରଗା ନାଏକଙ୍କ ଚାଳଘର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବର୍ଷା ହେଲେ ଘରେ ପାଣି ଗଳୁଛି। ଘରୁ ପାଣି ନିଷ୍କାସନ କଲେ ରହିବା ସମ୍ଭବ ହେଉଛି। ସେହିପରି ତାଙ୍କ ପତ୍ନୀ ଦୁଃଖୀ ନାଏକ ରୋଗଗ୍ରସ୍ତ ହୋଇପଡ଼ିଥିବା ବେଳେ ତାଙ୍କ ହାତଗୋଡ଼ ଚାଲୁନାହିଁ। ଗରିବ ପରିବାରକୁ ଘର ସହିତ ପତ୍ନୀଙ୍କୁ ହୁଇଲ ଚେୟାର ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।



## ଭାଉଜଙ୍କୁ ଇଟାରେ ଆକ୍ରମଣ

କିଶୋରନଗର,୧୧।୨(ସମିସ): କିଶୋରନଗର ଥାନା କରମଳକଟା ଗ୍ରାମର କଳ୍ପନା ଦେହୁରୀଙ୍କୁ ତାଙ୍କ ଦିଅର ସୁନୀଲ ଦେହୁରି ଏକ ଇଟାରେ ଆକ୍ରମଣ କରିଥିବା କଳ୍ପନା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। କଳ୍ପନା ଓ ସୁନୀଲଙ୍କ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। କଳ୍ପନା ଘରେ ଏକୁଟିଆ ଥିବା ବେଳେ ସୁନୀଲ ଆସି ପ୍ରଥମେ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଧମକ ଦେବା ସହ ଏକ ଇଟାରେ କଳ୍ପନାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ବଇଣ୍ଡା,୧୧।୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ମଙ୍ଗଳବାର ବଇଣ୍ଡା ମଣ୍ଡଳ ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଛି। ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ରମେଶ ବେହେରା, ରଞ୍ଜନ ବିଶ୍ୱାଳ, ଗୋପୀନାଥ ସାହୁ, ଅସିତ ସାହୁ, ଶ୍ରବଣ ପ୍ରଧାନ, ଗୋବିନ୍ଦ ରାଉଳ, ଅମିୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ଗାଁ କଲ୍ୟାଣ ସମିତି ନାମରେ ଆସୁଥିବା ଟଙ୍କା ଭଗବାଣ୍ଟା

### ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ହିନ୍ଦୋଳବାସୀ

ହିନ୍ଦୋଳ,୧୧।୨(ସମିସ):





ହିନ୍ଦୋଳ ଉପଖଣ୍ଡରେ ଗାଁ କଲ୍ୟାଣ ସମିତି ନାମରେ ଆସୁଥିବା ଟଙ୍କା ଭାଗବଣ୍ଟାକୁ ନେଇ ସ୍ଥାନୀୟ ବାସିନ୍ଦା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଥିବାବେଳେ କିଛି ବିଭାଗୀୟ ଅଧିକାରୀ ଏହାକୁ ହରିଲୁଟ୍ କରୁଥିବା ଦେଖିବାକୁ ମିଳୁଛି। ହିନ୍ଦୋଳ ଉପଖଣ୍ଡ ଦୁର୍ନୀତିର ଗନ୍ତାଘର ପାଲଟିଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଆସୁଥିବା ଟଙ୍କା ଏଠାରେ ଦିନ ଦ୍ୱିପ୍ରହରରେ ହରିଲୁଟ୍ ହେଉଛି। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଗ୍ରାମାଞ୍ଚଳରେ ସୁନ୍ଦର ପରିବେଶ ସୃଷ୍ଟି ସହ ସଫା ରଖିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ୩୫ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ ହୋଇଥିବା ବେଳେ ସମିତିକୁ ଆସୁଥିବା ଟଙ୍କା କୌଣସି କାର୍ଯ୍ୟରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ସମିତିରେ ଗ୍ରାମର ୩ ଜଣ ମୁଖ୍ୟଙ୍କ ସହ ୱାର୍ଡ ସଭ୍ୟ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ସଦସ୍ୟ ରହିବା ନିୟମ ରହିଛି। ଏହାର ପରିଚାଳନା ପାଇଁ ମାସିକ ବୈଠକ ହେବାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରତି ସମିତିକୁ ୧୦ ହଜାର ଟଙ୍କା ଅନୁଦାନ ମିଳିଥାଏ। ମାସିକ ବୈଠକରେ ଏହି ଅର୍ଥରୁ ଆଶାକର୍ମୀଙ୍କୁ ୧୫୦ ଟଙ୍କା ଅଙ୍ଗନବାଡ଼ି କର୍ମୀଙ୍କୁ ୧୦୦ ଟଙ୍କା ଓ ୱାର୍ଡସଭ୍ୟଙ୍କୁ ୫୦ ଟଙ୍କା ମିଳିଥାଏ। ଅବଶିଷ୍ଟ ଟଙ୍କାରେ ଗ୍ରାମ ପ୍ରବେଶ ଦ୍ୱାରରେ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଚାର, ଅଳିଆକୁଣ୍ଡ ନିର୍ମାଣ, ସରକାରୀ କୂଅ ଓ ପୋଖରୀରେ ବର୍ଷାଦିନେ ବ୍ଲିଚିଂ ପାଉଡର ପକାଇବା ଓ ଗାଁକୁ ସଫା ସୁତୁରା ରଖିବା ଆଦି କାର୍ଯ୍ୟ ହେବାର ନିୟମ ରହିଛି। ତେବେ କୌଣସି କାର୍ଯ୍ୟକ୍ରମ ନ ହୋଇ କେବଳ କାଗଜପତ୍ରରେ ଏହି ସବୁ କାର୍ଯ୍ୟ ହେଉଥିବା ଦର୍ଶାଇ ଟଙ୍କାକୁ ହରିଲୁଟ କରାଯାଉଛି। ପ୍ରଚଣ୍ଡ ଖରାବେଳେ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ କାଁ ଭାଁ ଜଳଛତ୍ର ଖୋଲାଯାଇ ବିଭିନ୍ନ ପଞ୍ଚାୟତରେ ୨୦ରୁ ୩୦ହଜାର ଟଙ୍କା ମିଥ୍ୟା ବିଲ କରାଯାଇଥିବା ଜଣାପଡ଼ିଛି। ସରକାରୀ ଅନୁଦାନ ସଠିକ ଭାବେ ଖର୍ଚ୍ଚ ହେଉଛି କି ନାହିଁ ତାହାର ତଦାରଖ କରାଯାଉ ନ ଥିବାରୁ ତଳଠୁ ଉପର ଯାଏଁ ସବୁଠି ହେଉଛି ଦୁର୍ନୀତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।

**ବିବାହର ପ୍ରଲୋଭନ ଦେଇ ବିଧବାଙ୍କ ସହ ଶାରୀରିକ ସମ୍ପର୍କ**

# ଗର୍ଭନଷ୍ଟ ପାଇଁ ଚାପ, ଅଭିଯୁକ୍ତ ପ୍ରେମିକ କନିକା ତହସିଲ ଅଫିସ ପିଅନ ଗିରଫ



ରାଜକନିକା ୧୧।୨(ସମିସ): ବିବାହର ପ୍ରଲୋଭନ ଦେଇ ବିଧବାଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭ ନଷ୍ଟ ପାଇଁ ଚାପ ପକାଇବା ଅଭିଯୋଗରେ ଅଭିଯୁକ୍ତ ପ୍ରେମିକ କନିକା ତହସିଲର ଜଣେ ପିଅନଙ୍କୁ ଆଜି ଗିରଫ କରାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ରାଜକନିକା ଥାନାନ୍ତର୍ଗତ ଜରିସାହିର ବିଶ୍ୱରଞ୍ଜନ ଦାସ (୩୦) ସେହି ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦାନା ବାତ୍ୟା ସମୟରୁ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସିବାରୁ ସେ ଏବେ ଗର୍ଭବତୀ ଅଛନ୍ତି ।ବିଶ୍ୱରଞ୍ଜନ ବିବାହର ପ୍ରତିଶ୍ରୁତି ଦେଇ ଏବେ ଗର୍ଭପାତ କରାଇବାକୁ ଔଷଧ ଦେବା ଏବଂ କଥା ନ ମାନିବାରୁ ମାଡ଼ ମାରି ସେହି ବିଧବାଙ୍କୁ ଜୀବନରୁ ମାରି ଦେବାର ଧମକ ଦେଇଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ଥାନା କେଶ ନଂ ୬୯/୨୫ ର ଦଫା ୬୪/୮୯/୨୯୬/୩୫୧(୨)(୩)/୩(୫)ରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି ।ଗତକାଲି ଏ ସମ୍ପର୍କରେ ଅଭିଯୋଗ ମିଳିବା ପୁଲିସ ବିଶ୍ୱରଞ୍ଜନକୁ କନିକା ତହସିଲ କାର୍ଯ୍ୟାଳୟରୁ ଉଠାଇ ଆଣି ତଦନ୍ତ କରି ଆଜି ମାମଲା ପଞ୍ଜିକୃତ କରିଛି ।

# ସ୍ମୃତି ଚାରଣ ସଭା ଓ କବିତା ପାଠୋତ୍ସବ

ଗୋବିନ୍ଦପୁର,୧୧।୨(ସମିସ): ଆଳି ବ୍ଲକ ଅନ୍ତର୍ଗତ ବଡମୁଳସାହି ଠାରେ ବିଶିଷ୍ଟ ସମାଜସେବିକା ଓ ଧର୍ମପରାୟଣ ମହିଳା ସରସ୍ୱତୀ ସେନାପତିଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ ଶୀର୍ଷକ 'ବୋଉ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ପଟ୍ଟାମୁଣ୍ଡାଇ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ନୀଳମଣି ଲେଙ୍କା। ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟକୁମାର ଓଝା,କବି ବନମାଳୀ ସେନାପତି,ପରିବେଶବିତ ଓ କବି ହେମନ୍ତ କୁମାର ରାଉତ, ନାଟ୍ୟକାର ଦେବ ପାତ୍ର, ଶିକ୍ଷୟିତ୍ରୀ ଆରାଧନା ଦାଶ, ଶିକ୍ଷୟିତ୍ରୀ ମଞ୍ଜୁ ରାଉତ,କବି ଓ ଶିକ୍ଷୟିତ୍ରୀ ରଶ୍ମୀତା ସେନାପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

ଏହି କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ କବି ଅକ୍ଷୟ କୁମାର ପଣ୍ଡା।ଏହି କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ଯୋଗଦେଇ ସେମାନଙ୍କର କବିତା ଆବୃତ୍ତି କରିଥିଲେ। ଏହି ସ୍ମୃତି ଚାରଣ ସଭାକୁ ପରିଚାଳନାରେ ଯେଉଁ ମାନେ ସହଯୋଗ କରିଥିଲେ ସେମାନେ ହେଲେ ସ୍ୱର୍ଗତ ସରସ୍ୱତୀ ସେନାପତିଙ୍କ ପୁତ୍ର ଧ୍ରୁବଚରଣ ସେନାପତି, ନିରଞ୍ଜନ ସେନାପତି, ଧିରେନ୍ଦ୍ର ସେନାପତି, ସୁନିଲ୍ ଶେଖର ସେନାପତି, ଓ କନ୍ୟା ତଥା ବିଶିଷ୍ଟ କବି ଓ ଶିକ୍ଷୟିତ୍ରୀ ରଶ୍ମୀତା ସେନାପତି ଓ ଝିଆଁ ଇନ୍ଦ୍ରମଣି ପାତ୍ର ।

## କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ

# ବିକାଶମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ




କେନ୍ଦ୍ରାପଡା,୧୧।୨(ସମିସ): କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟିର ଏକ ବୈଠକ ମଙ୍ଗଳବାର ଜିଲ୍ଲା ପରିଷଦ ସାଧାରଣ ସଭାଗୃହଠାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ବିଧାୟକ, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବିଭାଗୀୟ ବିକାଶମୂଳକ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ ବିଧାୟକ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମଏଲଏଲାଡ୍ ଫଣ୍ଡ), ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ କଳାକାର ଭତ୍ତାର ସ୍ଥିତି, ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣଧୀନ ଥିବା ରାସ୍ତା ଏବଂ ପୋଲ ଇତ୍ୟାଦି, ଜଳସମ୍ପଦ ଅଧୀନରେ କାର୍ଯ୍ୟରତ ହେଉଥିବା ନଦୀବନ୍ଧ ସଙ୍କାନ୍ତୀୟ ତଥ୍ୟ, ଜଳ ଯୋଗାଣ ତଥା ନଳକୂପ ସ୍ଥାପନ ପାଇଁ ଥିବା ପ୍ରସ୍ତାବ , କାର୍ଯ୍ୟରତ ମଣ୍ଡିରେ ଖରିଫ ଧାନ ସଂଗ୍ରହ , ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ମିଶନ ଶକ୍ତି ଗୃହ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ, ନୂତନ ଟ୍ରାନ୍ସଫରମର ସ୍ଥାପନ ତଥା ଅନ୍ୟାନ୍ୟ ବିଭାଗୀୟ ଉନ୍ନୟନ କାର୍ଯ୍ୟ ଆଦି ସ୍ଥାନ ପାଇଥିଲା । ସମସ୍ତ ବିକାଶମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ବିଧାୟକ ଆଲୋକପାତ କରିଥିବା ସମୟରେ ଏହା କିପରି ସଠିକ ସମୟ ମଧ୍ୟରେ ସମ୍ପାଦନ ହେବ ଏଥି ପ୍ରତି ଧ୍ୟାନ ଦେବାପାଇଁ ଜିଲ୍ଲାପାଳ, ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଆବାହନ କରିଥିବା ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡିଓ କେନ୍ଦ୍ରାପଡା, ବିଡିଓ ପଟ୍ଟାମୁଣ୍ଡାଇ, ତହସିଲଦାର କେନ୍ଦ୍ରାପଡା, ତହସିଲଦାର ପଟ୍ଟାମୁଣ୍ଡାଇ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ପୌରପାଳିକା ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ବିଡିଓ ପଟ୍ଟାମୁଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ବାଲିକୁଦା,୧୧।୨(ସମିସ): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖା ପକ୍ଷରୁ ଏକ ବୈଠକ ବାଲିକୁଦା ବ୍ଲକ ଶୋଭାସ୍ଥିତ ଶୋବନେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା ।ସଂଘର ଉପ ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ସମ୍ପାଦକ ଡ଼ଃ ବିଷ୍ଣୁ ଚରଣ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଚକ୍ରଧର ଶତପଥୀ ମଙ୍ଗଳାଷ୍ଟକ ପାଠ କରିଥିଲେ।ଏହି ଅବସରରେ ଗତ କିଛି ଦିନ ତଳେ ମୃତ୍ୟୁ ବରଣ କରିଥିବା ସଂଘର ସଦସ୍ୟ ତଥା ବର୍ଷିୟାନ ଶିକ୍ଷକ ବଂଶୀଧର ସ୍ୱାଇଁଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରିଥିଲେ।ଏହି ବୈଠକରେ ଚତୁର୍ଭୂଜ ପରିଡା, ଶରତ ଚନ୍ଦ୍ର ବାରିକ,ଚକ୍ରଧର ଷଡଙ୍ଗୀ, ଆଦିକନ୍ଦ ଦାସ, ସଦାନନ୍ଦ ମହାନ୍ତି, ନାରାୟଣ ପରିଡା, ବୁଲକୀ ସ୍ୱାଇଁ, ଶରତ ନାୟକ, ପ୍ରମୋଦ ବାରିକ ଧର୍ମାନନ୍ଦ ଦାସ, ଜଟାଧାରୀ ସେନାପତି, ପୂର୍ଣ୍ଣାନନ୍ଦ ମହାରଣା, ଯାଦବ ପାଢ଼ୀ, ଆପତ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଭୋଳାନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ହଂସୁରା, କଠାକୋଟ ଓ ବାଲିକଣିରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



କୁଜଙ୍ଗ,୧୧।୨(ସମିସ): ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ହଂସୁରା ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିମଧ୍ୟରେ ଖୋସାଲପୁରଠାରେ ଗ୍ରାମୀଣ ହାଟ ଏବଂ ରାମଚଣ୍ଡୀ ସିଆରସି, ସାମପୁରଠାରେ କଲ୍ୟାଣ ମଣ୍ଡପ, ହଂସୁରାଠାରେ ମୁକ୍ତାକାଶ ବ୍ୟାୟାମ ସେଣ୍ଟର ଓ ଅନୋଳିପାଟଣାଠାରେ ଏମ.ଏସ. ଫ୍ରେଣ୍ଡସ କ୍ଲବ ଏବଂ ସାତଭଉଣୀ ମନ୍ଦିର ଭଳି ପ୍ରକଳ୍ପ ଅନ୍ତର୍ଭୁକ୍ତ ।ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ପଞ୍ଚାୟତ ତଥା ଗାଁ'ର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ହଁସୁରାଠାରେ ନାରୀ ନେତ୍ରୀ ଅର୍ପିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀଙ୍କୁ ପଞ୍ଚାୟତ ବାସୀ ସ୍ୱାଗତ କରିବା ସହ ଏକ ସଭାରେ ଏକତ୍ରିତ ହୋଇ ଥିଲେ। ଏହି ଅବସରରେ ହଂସୁରା ସରପଞ୍ଚ ରବି ନାରାୟଣ ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ ବେହେରା, ବିଜେପି ନେତା ତପନ ତ୍ରିପାଠୀ, ନିହାର ସାମନ୍ତରାୟ, କଠକୋଟ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ ଓ ବଳିକଣି ସରପଞ୍ଚ ପ୍ରତିନିଧି ପ୍ରାଜ୍ଞା ଦିପ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଜ୍ଞାନ ରଞ୍ଜନ ସାମନ୍ତରାୟଙ୍କ ସହ ବହୁ ନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ୧୯୮୪ ବ୍ୟାଚ୍ ଛାତ୍ରଙ୍କ ସମାବେଶ



କୁଜଙ୍ଗ,୧୧।୨(ସମିସ): କୁଜଙ୍ଗ ବ୍ଲକ୍ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଦିବଙ୍ଗତ ଶିକ୍ଷକ ଓ ସହପାଠୀ ସ୍ମୃତିରେ ନୀରବ ପ୍ରାର୍ଥନା ସହ ପୁରୁଣା ଦିନର ଅଭୁଲା ସ୍ମୃତିକୁ ସାଉଁଣ୍ଟିଥିଲେ। ଏହା ସହ ବିଦ୍ୟାଳୟ ଉନ୍ନତି ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବା ସହ କବିତା ପାଠ ଓ ଏକକ ଅଭିନୟ ବେଶ୍ ଜୀବନ୍ତ ହୋଇଥିଲା ।ସର୍ବଶ୍ରୀ ଲୋକନାଥ ଓଝା, ଚିତ୍ତ ରଞ୍ଜନ ସାହୁ, କୃଷ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ ସାମନ୍ତରାୟ, ପ୍ରଦୀପ୍ତ ସାହୁ , ପ୍ରଶାନ୍ତ ପଟ୍ଟାୟକ, କ୍ଷୀରୋଦ ନାୟକ, ଅଜିତ ବିଶ୍ୱାଳ, ଲଳିତ ଲେଙ୍କା, ପବିତ୍ର ମିଶ୍ର, ନିକୁଞ୍ଜ ପଟ୍ଟନାୟକ, ଅଶ୍ୱନୀ ରାଉତ, ପ୍ରିୟମ୍ବଦା ଷଡ଼ଙ୍ଗୀ, ଅନ୍ନପୂର୍ଣ୍ଣା ମିଶ୍ର, ସଂଘମିତ୍ରା ସାମନ୍ତରାୟ, ନୀଳିମା ଷଡ଼ଙ୍ଗୀ, ଆରତୀ ମହାନ୍ତି, ମିନର୍ଭା ଦାସ, ଅବଳା ଦାସ, ପ୍ରତିମା ବେହେରା ଓ ରତ୍ନାବତୀ ଦାସ ପ୍ରମୁଖ ଯୋଗଦେଇ ଥିଲେ । ପ୍ରତିବର୍ଷ ଏହିପରି ବନ୍ଧୁ ମିଳନ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରାକ୍ତନ ଶିକ୍ଷକ ଚୌଧରୀ ପଦ୍ମନାଭ ମିଶ କହିଛନ୍ତି ।

# ଚାନ୍ଦୋଳ କଲେଜ ଇଂରାଜୀ ବିଭାଗର ଆଲୋଚନାଚକ୍ର




ଡେରାବିଶ, ୧୧।୨(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭା କକ୍ଷରେ ଇଂରାଜୀ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'କମ୍ୟୁନିକେଟିଭ୍ ଇଂରାଜୀ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରି ଇଂରାଜୀ ମାଧ୍ୟମର ଭିନ୍ନଭାଷୀ ଲୋକଙ୍କ ସହ କିପରି ସହଜରେ ସମ୍ପର୍କ ଗଢ଼ାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ୟୁନିକେଟିଭ୍ ଇଂରାଜୀର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ବିଶ୍ୱରଞ୍ଜନ ମିଶ୍ର, ଦିବ୍ୟ କୁମାର ଦାସ, ସଂଜୟ ନାୟକ, ଅଧ୍ୟାପିକା ଶର୍ମିଷ୍ଠା ବେହେରା, ମନିଷା ଦାସ, ରଶ୍ମିରେଖା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଭାକର ଦାସ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା'ବୁଢ଼ୀ ଜାଗୁଳାଇ କ୍ରିକେଟ୍ ଦଳ ଚାମ୍ପିଅନ୍




ମାର୍ଶାଘାଇ,୧୧।୨(ସମିସ): ମାର୍ଶାଘାଇ ବ୍ଲକ ମୁଷାଡ଼ିଆ ଖେଳପଡ଼ିଆରେ ବାଞ୍ଛାବଟ କ୍ରିକେଟ୍ କ୍ଲବ ଓ ଅଲ୍ୟଳ କୁମାର ଦାସ ମେମେରିଆଲ ଟ୍ରଷ୍ଟ ଆନୁକୂଲ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମା'ବୁଢୀ ଜାଗୁଳାଇ କ୍ରିକେଟ୍ ଦଳ,ଭଗବାନପୁର ଚାମ୍ପିଆନ ହୋଇଛି। ଟସ୍ ଜିତି ମା'ବୁଢୀ ଜାଗୁଳାଇ କ୍ରିକେଟ କ୍ଲବ ଷ୍ଟାର ଇଲେଭେନ୍ ରାମିଆଗଞ୍ଜିକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ୧୦ଓଭର ବିଶିଷ୍ଟ ମ୍ୟାଚରେ ଷ୍ଟାର ଇଲେଭେନ୍ ୮ଓଭରରେ ସମସ୍ତ ଉଇକେଟ ହରାଇ ୬୦ରନ ସଂଗ୍ରହକରିଥିଲା। ଏହାର ଜବାବରେ ମା'ବୁଢୀ ଜାଗୁଳାଇ କ୍ରିକେଟ କ୍ଲବ ୪ ଉଇକେଟ ହରାଇ ୬୧ରନ ସଂଗ୍ରହ କରି ଚମ୍ପିଆନ ଘୋଷିତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଗୁନୁ ମୁଦୁଲି ଓ ମ୍ୟାନ ଅଫ ଦି ସିରିଜ ଶିଲୁ ମହାପାତ୍ର ହୋଇଛନ୍ତି। ଏହି ଅବସରେ ପୁରସ୍କାର ବିତରଣୀ ଉତ୍ସବରେ ଇ.ଚନ୍ଦନ ଯାଦବଙ୍କ ସଭାପତିତ୍ୱରେ ଆଇନଜୀବୀ ରମଣୀରଞ୍ଜନ ରାଉତରା, ଡ଼ାକ୍ତର ରାମନରେଶ ଯାଦବ, ବିକାଶ ବେଉରା, ସମାଜସେବୀ କେଦାରନାଥ ସାମନ୍ତରାୟ, ମାଧବ ନାୟକ ପ୍ରମୁଖ ଯୋଗଦେଇ ମା'ବୁଢୀ ଜାଗୁଳାଇ କ୍ରିକେଟ କ୍ଲବକୁ ଚମ୍ପିଆନ ଟ୍ରଫି, ୧୨ ହଜାର ଟଙ୍କା ପୁରସ୍କାର ରାଶି ଓ ରନର୍ସ ଅଫ ଦଳ ଷ୍ଟାର ଇଲେଭେନକୁ ଟ୍ରଫି ସହ ୮ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରଷ୍ଟ ସମ୍ପାଦକ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

କେନ୍ଦ୍ରାପଡା,୧୧।୨(ସମିସ): ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ତରଫରୁ ମଙ୍ଗଳବାର ଶ୍ରମିକ ସଚେତନତା ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଶୁଭାରମ୍ଭ କରିଛନ୍ତି ।ଏହି ଶ୍ରମିକ ସଚେତନତା ରଥ ଦୀର୍ଘ ଏକ ମାସ ଧରି ଜିଲ୍ଲାର କୋଣ ଅନୁକୋଣ ପରିଭ୍ରମଣ କରି ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା, ପ୍ରବାସୀ ଶ୍ରମିକ ଆଇନ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବ । ଶ୍ରମିକ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ, ଶ୍ରୀ ଅନନ୍ତ ପଦ୍ମନାଭ ମହାମାନସିଂହ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ସହକାରୀ ଶ୍ରମ ଅଧିକାରୀ କନିଷ୍କ ନାରାୟଣ, ଆଶୁତୋଷ ପଟେଲ, ଜ୍ୟୋତି ରଞ୍ଜନ ପରିଡା, ଏସ ଡି କିରଣ କୁମାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ,କେନ୍ଦ୍ରାପଡ଼ା, ଶିଶୁ ସୁରକ୍ଷା ସ୍ୱୋଚ୍ଛାସେବୀ, ଡିଇଓ ବିଶ୍ୱଜିତ ସାହୁ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ୟୁନିଅନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



# ବାଲୁଙ୍କେଶ୍ୱର ନୋଡାଲ୍ ବିଦ୍ୟାପୀଠରେ ପ୍ରକୃତି ଭ୍ରମଣ କାର୍ଯ୍ୟକ୍ରମ



ଡେରାବିଶ, ୧୧।୨(ସମିସ): ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରକୃତି ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସେଣ୍ଟରର ଏନ୍‌ଭରମେଣ୍ଟାଲ ଷ୍ଟଡିଜ୍ ଅନୁଷ୍ଠାନର ଅନୁଦାନରେ ବାଲୁଙ୍କେଶ୍ୱର ବିଦ୍ୟାପୀଠର ଇକୋ କ୍ଲବର ୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶୁପା ହ୍ରଦ ଭ୍ରମଣରେ ଯାଇଥିଲେ । ସେଠାରେ ପ୍ରଥମେ ସଫେଇ କାର୍ଯ୍ୟକ୍ରମ କରାଯାଇ ସ୍ଥାନୀୟ ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଇଥିଲା । ଅଂଶୁପା ହ୍ରଦରେ ବୋଟିଂ ଓ ଆଦ୍ରଭୂମିକୁ ଖୁବ୍ ନିକଟରୁ ଅନୁଭବ କରିବା ସହ ଦେଖିଥିଲେ । ମଧ୍ୟାହ୍ନଭୋଜନ ପରେ ଛାତ୍ରଛାତ୍ରୀମାନେ ଅଂଶୁପା ନିକଟସ୍ଥ ଏକ ପାର୍କ ଭ୍ରମଣ କରି ସନ୍ଧ୍ୟା ସମୟରେ ମା'ଚର୍ଚ୍ଚିକାଙ୍କୁ ଦର୍ଶନ କରି ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ରୋଜାଲିନ ସାମନ୍ତରାୟ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ ।

**ବନ୍ଦର ଡିଏଲଆର ଠିକା କର୍ମଚାରୀଙ୍କ ସମସ୍ୟାର ହେଉନି ସମାଧାନ**

# ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟିର ବନ୍ଦର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର



ପାରାଦୀପ,୧୧।୨(ସମିସ): ପାରାଦୀପ ବନ୍ଦରରେ କାର୍ଯ୍ୟକ୍ଷମ ୧୩ ଗୋଟି ଶ୍ରମିକ ସଂଘଙ୍କ ଉଦ୍ୟମକ୍ରମେ ଗଠିତ ହୋଇଥିବା 'ଟ୍ରେଡ୍ ୟୁନିୟନର ସମନ୍ୱୟ କମିଟି' ମାଧ୍ୟମରେ ବନ୍ଦର ଡିଏଲଆର ଠିକା କର୍ମଚାରୀଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । 'ଟ୍ରେଡ୍ ୟୁନିୟନର ସମନ୍ୱୟ କମିଟି'ପକ୍ଷରୁ ଗତ ଫେବୃଆରୀ ୫ ତାରିଖରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନର ସଭାଗୃହରେ ଏକ ବୈଠକ ବସି ଏ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଯେଉଁଥିରେ ଠିକା ଶ୍ରମିକ ମାନଙ୍କର ସମସ୍ତ ସମସ୍ୟାକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଆଗତ କରାଯାଇ ଏହାର ସ୍ଥାୟୀ ସମାଧାନ ନିମିତ୍ତ ନିମ୍ନଲିଖିତ ପ୍ରସ୍ତାବମାନ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଗତ୧୦ ତାରିଖ ଦିନ 'ଟ୍ରେଡ୍ ୟୁନିୟନର ସମନ୍ୱୟ କମିଟି' ପକ୍ଷରୁ ସଦସ୍ୟ ମାନେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଦାବି ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।ସେଥିମଧ୍ୟରୁ ସମସ୍ତ ଡିଏଲଆର ଠିକା ଶ୍ରମିକଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ପାରାଦୀପ ବନ୍ଦର ଚିକିତ୍ସାଳୟରେ ସମସ୍ତ ଡିଏଲଆର ଠିକା ଶ୍ରମିକମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା, ପାରାଦୀପ ବନ୍ଦରରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀଙ୍କ ପରି ଡିଏଲଆର ଠିକା ଶ୍ରମିକମାନଙ୍କୁ ଘରଭଡ଼ା ଓ ବିଦ୍ୟୁତ ସେବାରେ ରିହାତି ପ୍ରଦାନ କରିବା, ପାରାଦୀପ ବନ୍ଦରରେ ସମସ୍ତ ଡିଏଲଆର ଠିକା ଶ୍ରମିକଙ୍କ ଅବସର ପରେ ୧୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଏବଂ ପାରାଦୀପ ବନ୍ଦରରୁ ଡିଏଲଆର ଠିକା ଶ୍ରମିକଙ୍କ ଅବସର ପରେ ପୁନଃ ସେହି ସ୍ଥାନରେ ୩ବର୍ଷ ପାଇଁ ଉକ୍ତ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରିବା ଆଦି ମୌଳିକ ଦାବି ସ୍ଥାନ ପାଇଛି ।ଯଦି ବନ୍ଦର କର୍ତ୍ତୃପକ୍ଷଙ୍କୁ ଏହି ଦାବିକୁ ଅଣଦେଖା ପ୍ରଦର୍ଶନ କରନ୍ତି ତେବେ ଆସନ୍ତା ୧୫ ଦିନ ମଧ୍ୟରେ 'ଟ୍ରେଡ୍ ୟୁନିୟନର ସମନ୍ୱୟ କମିଟି' ତରଫରୁ ଏକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି 'ଟ୍ରେଡ୍ ୟୁନିୟନର ସମନ୍ୱୟ କମିଟି'ର ସମସ୍ତ ସଭ୍ୟବୃନ୍ଦ ସତର୍କ କରାଇ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ କମିଟିର ଆବାହକ ଅନନ୍ତ କୁମାର ଦାସ, ନୃସିଂହ ପ୍ରସାଦ ଶତପଥୀ, ସମୀର କୁମାର ବିଶ୍ୱାଳ, ବିଭୂତି ମହାରଣା, କୁଶ ସୁତାର, ଶ୍ରୀକାନ୍ତ ରାୟ, ନାରାୟଣ ଦାସ, ସନାତନ ବେହେରା, ଉଲ୍ଲାସ ସ୍ୱାଇଁ, ପ୍ରସନ୍ନ ଦାସ, ଗୁଣନିଧି ଚୌଧୁରୀ, ଯତିକାନ୍ତ ବେହେରା ଓ ମହେଶ୍ୱର ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଓଶ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ନାଉଗାଁ,୧୧।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ବାଓଶ ଗ୍ରାମର ମଠବଣ ସାଧୁ ଗୋସ୍ୱାମୀ ପୀଠରେ ଅନୁଷ୍ଠିତ ବଂଶ ମହୋତ୍ସବ ଉଦଯାପିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ହରିହାଟ, ସାଧୁ ଗୋସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା, ନୂତନ ମନ୍ଦିର ନିର୍ମାଣର ଶୁଭ ଉଦଘାଟନ, ସମ୍ବର୍ଦ୍ଧନା ସଭା, କଳା ଓ କଳାକାର ସମ୍ମାନ ୨୦୨୫ ଆଦି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ, ଶ୍ରୀ ଭାଗବତ ଗୋସେଇଁ ଓ ଶ୍ରୀ ବାସୁଦେବ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ନାମ ସଂକୀର୍ତ୍ତନ କରାଯାଇ ସନ୍ଧ୍ୟାରେ ସାଧୁ ଗୋସ୍ୱାମୀଙ୍କ ପୀଠରେ ମେଳଣ କରାଯାଇଥିଲା । ଏଠାରେ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

### ଏସ୍‌ଭିଏମ୍ କଲେଜର ୭୨ତମ ପ୍ରତିଷ୍ଠା ଦିବସ

# ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ




ଜଗତସିଂହପୁର,୧୧।୨(ସମିସ):

ଜଗତସିଂହପୁର ସଦର ମହକୁମାରେ ଗତ ୧୯୬୩ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଜିଲ୍ଲାର ସର୍ବ ପୁରାତନ ଏସ୍‌ଭିଏମ୍ କଲେଜର ୭୨ତମ ପ୍ରତିଷ୍ଠା ଦିବସ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଏହି ଶିକ୍ଷାନୁଷ୍ଠାନରୁ ଶିକ୍ଷାଗ୍ରହଣ କରି ଦେଶବିଦେଶରେ ପ୍ରତିଷ୍ଠା ଲାଭ କରିଥିବା ପୁରାତନ ଛାତ୍ରଛାତ୍ରୀ ମାନେ ଏଥିପାଇଁ ସହଯୋଗ କରିବାକୁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ସେହିପରି ପୁରାତନ ଛାତ୍ର ତଥା କଳିଙ୍ଗ ଭେସେଲ୍ସର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ କମାଣ୍ଡାର ବିଶ୍ୱଜିତ୍ ନାୟକ ଏବଂ ଲଣ୍ଡନରେ ରହୁଥିବା ଓଡିଶା ସମାଜର ନିର୍ଦ୍ଦେଶକ ତଥା ୪ଟି ଆନ୍ତର୍ଜାତିକ କମ୍ପାନୀର ମାଲିକ ପାର୍ଥ ପଣ୍ଡା ସଭାରେ ଯୋଗଦେଇ କଲେଜରେ ପାଠ ପଢିବା ସମୟର ସ୍ମୃତିଚାରଣ କରିବା ସହିତ ଏହି ଶିକ୍ଷାନୁଷ୍ଠାନକୁ ଓଡିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ଛାତ୍ର ତଥା ବରିଷ୍ଠ ରାଜନେତା ନଟବର ବାରିକ,ପୌର ପରିଷଦର ଅଧ୍ୟକ୍ଷ ଅର୍ଚ୍ଚନା ସିଂ ଏବଂ ଜିଲ୍ଲା କ୍ରିକେଟ୍ ସଂଘର ସଂପାଦକ ଅନୀଲ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠ ପଢିବା ସହିତ ନିଜକୁ ଜଣେ ଜଣେ ସୁନାଗରିକ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। କଲେଜର ଶୈକ୍ଷିକ ବାତାବରଣରେ ସୁଧାର ଆଣିବା ସହିତ କଲେଜ ପଡିଆର ଉନ୍ନତିକରଣ ପାଇଁ ସହଯୋଗ କରାଯିବ ବୋଲି ଅନୀଲ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଏଥିରେ ଅତିଥିଭାବେ ଯୋଗଦେଇ ପ୍ରଶାସନିକ ସ୍ତରରେ ଏହି ଶିକ୍ଷାନୁଷ୍ଠାନର ଆବଶ୍ୟକତା ପୂରଣ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କଲେଜର ପୂର୍ବତନ ପ୍ରାଧ୍ୟାପକ,ଅଧ୍ୟକ୍ଷ, କର୍ମଚାରୀ ତଥା ଛାତ୍ରସଂସଦ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ପ୍ରାଧ୍ୟାପକ ଡଃ କେଦାରନାଥ ବିଶ୍ୱାଳ ଏବଂ ପ୍ରାଧ୍ୟାପକ ସତ୍ୟଜିତ୍ ସାହୁଙ୍କ ରଚିତ ପଦାର୍ଥ ବିଜ୍ଞାନ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ତଥା କଲେଜର ଟପର୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଉତ୍ସବରେ ଟ୍ରଫି ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ପ୍ରଚଳିତ ସ୍କଲାରସିପ୍ ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଶାନ୍ତ ବେହେରା,ଶୁଭେନ୍ଦୁମୌଳି ନନ୍ଦ,ଶୁଭଶ୍ରୀ ନାୟକ ଏବଂ ଦିପ୍ତି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଯୁକ୍ତ ୨ ଜୁନିୟର କଲେଜର ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ କଲେଜରେ ଅଷ୍ଟମ ପ୍ରହରୀ ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## କୋଇଲା ଚୋରି ଘଟଣାରେ ଆଉ ଜଣେ ଗିରଫ

ପାରାଦୀପ, ୧୧।୨ (ସମିସ) : ଦୋଛକି ନିକଟରୁ ଚୋରା କୋଇଲା ଜବତ ଘଟଣାରେ ତାରିଣୀ ଗଡା ଅଞ୍ଚଳରେ ରହୁଥିବା ସଞ୍ଜୀବ ନାୟକ (୨୫)କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ପୁଲିସ।ସେ ଏହି ଚୋରା କୋଇଲା କାର୍ଯ୍ୟରେ ନିୟୋଜିତ କରିଥିବା ତାର ଏକ ଟାଟା ପିକଅପ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି।ଏହି ଚୋରା କୋଇଲା ଓ ତେଲ ଚୋରି ଘଟଣାରେ ଆହୁରି ଅନେକଙ୍କର ସମ୍ପୃକ୍ତି ରହିଛି।ଯାହାକୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ ପାରାଦୀପ ଅଞ୍ଚଳରେ ଘୁରି ବୁଲୁଛି।ତେବେ ଆଇଜି ଚୋରା କାରବାରର ତଦନ୍ତ କରି ଏଥିରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦେଇଛନ୍ତି।ଖୁବ ଶୀଘ୍ର ସେମାନଙ୍କୁ ଧରାଯିବା ନେଇ ସୂଚନା ମିଳିଛି।ସୂଚନା ଥାଉକି ଏହି ଚୋରା କୋଇଲା ଓ ତେଲ ବ୍ୟବସାୟ ପାରାଦୀପ ଅଞ୍ଚଳର କେତେକ ରାଜନେତାଙ୍କ ଇଙ୍ଗିତରେ କରାଯାଉଛି, ଯାହାକି ସେମାନେ ବାରମ୍ବାର ଚୋର କଲେ ମଧ୍ୟ ପୁଲିସ ସେମାନଙ୍କୁ ଧରୁନଥିବା ଅଭିଯୋଗ ହୋଇଛି।

## ଧାନକୁଦରେ ଏକାଠି ହେଲେ ପଞ୍ଚାୟତରାଜ ହାଇସ୍କୁଲର ପୁରାତନ ଛାତ୍ର

ବିରିଡି,୧୧।୨(ସମିସ): ବିରିଡି ବ୍ଲକ ହଜିପୁରସ୍ଥିତ ଧାନକୁଦ ଠାରେ ଚାନ୍ଦପୁର ପଞ୍ଚାୟତ ରାଜ ହାଇସ୍କୁଲର ପୁରାତନ ଛାତ୍ରମାନେ ଏକାଠି ହୋଇଥିଲେ। ୧୯୯୫ ମସିହାରେ ଏକାଠି ପାଠପଢୁଥିବା ୪ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ପ୍ରମୋଦ କୁମାର ସ୍ୱାଇଁ ,ସତ୍ୟରଞ୍ଜନ କର , ନମିତା ରାଖଲ, ସୂଚାରୁ ରଞ୍ଜନ ଭୂୟାଁ ,କାଦମ୍ବିନୀ କର , ନିୟାଜଉଦ୍ଦିନ ନୁରାନୀ, ବିଭୁତି ଭୂଷଣ ଦାସ, ଚିତ୍ତ ରଞ୍ଜନ ଜେନା, ଜିତ ପଶାୟତ, ଅରୁଣ କୁମାର ଭୋଇ, ସୁବ୍ରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ କିପରି ସମସ୍ତଙ୍କ ସହଭାଗୀତା ରହିବ ସେ ସମ୍ପର୍କରେ ଆଲୋଚନା କରଯାଇଥିଲା।

## ପ୍ରାକୃତିକ ଦୁର୍ବିପାକ ପ୍ରତିହତ ବ୍ଲକସ୍ତରୀୟ କର୍ମଶାଳା

ବିରିଡି,୧୧।୨(ସମିସ): ଓଡିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ସଂସ୍ଥା ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ବିରିଡି ବ୍ଲକ ପ୍ରଶାସନ ଦ୍ୱାରା ଗ୍ରାମ୍ୟ ସ୍ତରରେ ଘଟୁଥିବା ପ୍ରାକୃତିକ ଦୁର୍ବିପାକକୁ ପ୍ରତିହତ ପାଇଁ ମଙ୍ଗଳବାର ଦିନ ବିରିଡି ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ମମତା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପରିଷଦ ସଭ୍ୟା ଦିପ୍ତିମୟୀ ରାୟ, ଡ.ଲୋକନାଥ ସହୁ, ଏବିଓ ରୂପକେଶ ରଞ୍ଜନ ଦାଶ,ଏବିଡ଼ିଓ ନିରୋଦ କୁମାର ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ । ଏଥିରେ ମାଷ୍ଟର ଟ୍ରେନର ଭାବେ ଓସଡ଼ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଧାଂଶୁ ପୃଷ୍ଟି ଯୋଗଦେଇ ଜିଲ୍ଲାରେ ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକରୁ ଜନଜୀବନ ସହିତ ଧନସମ୍ପଦକୁ ସୁରକ୍ଷା ଦେବା ଏବଂ ସେଥିରୁ ରକ୍ଷା ପାଇବାପାଇଁ ଗ୍ରାମସ୍ତରରେ ଖୁବଶୀଘ୍ର କମିଟି ଗଠନ କରାଯିବାସହ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବବୋଲି କହିଥିଲେ । ବିରିଡି ବ୍ଲକର ଉତ୍ତର ଶାସନ, ଦରଡ଼ା ଗ୍ରାମ, ଶଙ୍ଖପୁର, ଅରଣା, ସଢ଼େଇଶାସନ, ବୁଢାପଡା, ଅଲାଣ୍ଡୋ, ଗୋପୀନାଥ ପୁର ଗ୍ରାମପଞ୍ଚାୟତକୁ ଏଥିରେ ସାମିଲ କରାଯାଇଥିବାବେଳ କମିଟି ଗଠନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଏଏସଟି ଏନଜିଓ ସଂସ୍ଥା କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି ।ଏହି କାର୍ଯ୍ୟକ୍ରମକୁ ବ୍ଲକ ଡବ୍ଲୁଇଓ ସୁଜାତା ମଲ୍ଲିକ ସଂଯୋଜନା କରିଥିବାବେଳେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ୭୪ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉଦ୍‌ଘାଟିତ

କୁଜଙ୍ଗ,୧୧।୨(ସମିସ):ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ୭୪ ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। କୁଜଙ୍ଗ ସାରସ୍ୱତ ସଂଘ ଆସନ ମନ୍ଦିର ସମାଗୋଳ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ମହୋତ୍ସବରେ ଦୁର୍ଗାଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମଗ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୦ ହଜାର ଭକ୍ତ ଓ ମହିଳାମାନେ ଯୋଗଦେଇଛନ୍ତି। ଅଭ୍ୟର୍ଥନା କମିଟିର ଆବାହକ ରାଜ୍ୟ ଶିକ୍ଷ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଉତ୍ସବରେ ଯୋଗଦେଇ ଏହିଭଳି ସତସଙ୍ଗ ସାମାଜିକ ଜୀବନ ଉପରେ ସୁ ପ୍ରଭାବ ପକାଇବ ବୋଲି କହିଛନ୍ତି। ୧୧, ୧୨ ଓ ୧୩ ତିନିଦିନ ଧରି ଭକ୍ତମାନଙ୍କର ସମାରୋହ ନୂଆବାଟ କଢ଼ାଇବ ବୋଲି ସେ କହିଥିଲେ। ଅର୍ନ୍ତରାଷ୍ଟ୍ରୀୟ କ୍ରୀୟଯୋଗୀ ସ୍ୱାମୀ ପ୍ରଜ୍ଞାନାନନ୍ଦ ସରସ୍ୱତୀ ମହାରାଜ ଠାକୁରଙ୍କୁ ନିଜକୁ ସମର୍ପଣ କରିଦେଲେ ସମସ୍ତେ ମୁକ୍ତ ହୋଇପାରିବେ ବୋଲଇ କହିଥିଲେ। ସ୍ୱାମୀ ନିଗମାନନ୍ଦ ଦାରିଦ୍ର୍ୟ, ଦୁଃଖ,ଭୟ ଓ ଶୋକ ଦୂର ନ ହେଲେ ଗୁରୁଦେବଙ୍କୁ ପାଇବା ସହଜ ନୁହେଁ ବୋଲି ସେ କହିଥିଲେ। ସେହିପରି ସ୍ୱାମୀ ସଦାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଭକ୍ତମାନଙ୍କୁ ଭାବ ଗମ୍ଭୀର ବକ୍ତବ୍ୟ ପ୍ରଦାନ କରିଥିଲେ। କୁଜଙ୍ଗ ନୀଳାଚଳ ସାରସ୍ୱତ ସଂଘର ସଂପାଦକ ବ୍ରହ୍ମାନନ୍ଦ ବେହେରା ସୂଚନା ପ୍ରଦାନ କରିଥିବା ବେଳେ ଆବାହକ କମିଟିର ସଭାପତି କଳ୍ପତରୁ ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାତଃରୁ ଠାକୁର ନିଗମାନନ୍ଦଙ୍କର ଷୋଡ଼ଶ ଉପଚାର ପୂଜା, ଆରତୀ, ସ୍ତୋତ ବନ୍ଦନା, ପ୍ରାର୍ଥନାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭକ୍ତମାନଙ୍କ ପାଇଁ ରହିବା, ଖାଇବା ଓ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୁଲିସ୍ ବ୍ୟବସ୍ଥା କରାଯାଇଛି।

## ପୂର୍ବତନ ଉପଶାସନ ସଚିବଙ୍କ ପରଲୋକ

ଭୁବନେଶ୍ୱର,କଟକ,୧୧।୨(ସମିସ): ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ଆଶ୍ରିତ ପ୍ରଭାକର ନନ୍ଦ(୯୬) ଗତ ଫେବୃଆରୀ ୮ ତାରିଖ (ଶନିବାର) ମାଘ ଶୁକ୍ଳ ଏକାଦଶୀ ତିଥିରେ ତାଙ୍କ ପଳାଶପଲ୍ଲୀସ୍ଥିତ ବାସଭବନରେ ପରଲୋକ ଗମନ କରିଛନ୍ତି । ସେ ଓଡିଶା ସରକାରଙ୍କ ପୂର୍ବତନ ଉପଶାସନ ସଚିବ ତଥା ଅର୍ଥ ପରାମର୍ଶଦାତା ଥିଲେ। ସଚ୍ଚୋଟ, ସୁଦକ୍ଷ ଅଫିସର ତଥା ଧର୍ମ ପରାୟଣ ବ୍ୟକ୍ତି ହିସାବରେ ସେ ବହୁବାର ପ୍ରଶଂସିତ ହୋଇଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସାନ ଭାଇ ରଙ୍ଗାଧର, ନିରଞ୍ଜନ ଓ ଶୁକଦେବଙ୍କ ସମେତ ସମସ୍ତ ପୁତ୍ର-ପୁତ୍ର ବଧୂ ତଥା କନ୍ୟା-ଜାମାତାମାନଙ୍କ ସହ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ।



## ମା' ଗଜଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, କୃଷ୍ଣାନନ୍ଦପୁର ଷ୍ଟାଇଲି ଇଲେଭେନ୍ ଚାମ୍ପିଅନ୍

ତିର୍ତ୍ତୋଲ,୧୧।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତ ବଡ଼ଜିଙ୍ଗଲ ଖେଳପଡିଆରେ ଅନୁଷ୍ଠିତ ମା' ଗଜଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କୃଷ୍ଣାନନ୍ଦପୁର ଷ୍ଟାଇଲି ଇଲେଭେନ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ ଷ୍ଟାଇଲି ଇଲେଭେନ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ ସଂଗ୍ରହ କରିଥିଲା । ରାହାମା ସାଇଲୋ ୧୧. ୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଜଗନ୍ନାଥପୁର ସମିତି ସଭ୍ୟ ଦେବ ପ୍ରସାଦ ନାୟକ, ଦେବାଶିଷ ଦାଶ, ପ୍ରଶାନ୍ତ ପଣ୍ଡା, ଅଶ୍ୱିନୀ ସ୍ୱାଇଁ, ସିଲୁ ମିଶ୍ର, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେତା ଦଳ ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଅଞ୍ଜର ସୟଦ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ତୁଫେଲା ଖାନ ପୁରସ୍କୃତ ହୋଇଥିଲେ ।ଅମ୍ପେୟାର ନିହାର ରଞ୍ଜନ ଦାସ ଓ ଜ୍ଞାନରଞ୍ଜନ ଦାସ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ କିସାନ ବାରିକ ଖେଳର ବିବରଣୀ ପ୍ରଦାନ କରିଥିଲେ।



## କୁତାମଚଣ୍ଡୀ ବିଦ୍ୟାପୀଠ ୧୯୯୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଜଗତସିଂହପୁର,୧୧।୨(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଓଡିଶୋ ବଣିଆସାହି ଡିହସ୍ଥିତ ମା' କୁତାମଚଣ୍ଡି ବିଦ୍ୟାପୀଠ ୧୯୯୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ କୁତାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଶୋର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବାନିବୃତ୍ତ ଶିକ୍ଷକ ନଗେନ୍ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ସେବାନିବୃତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ,ଦେବେନ୍ଦ୍ରନାଥ ବେହେରା, ବିଭୂତି ଭୂଷଣ ମହାରଣା,ଶିଶିର କୁମାର ତ୍ରିପାଠୀ,ରବି ନାରାୟଣ ମିଶ୍ର,ସୁନୀଲ ସାହୁ, ହରେକୃଷ୍ଣ ଲେଙ୍କା ଏବଂ ସେବାନିବୃତ୍ତ ବନାଞ୍ଚଳ ଅଧିକାରୀ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ ହେଉଛନ୍ତି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସେମାନଙ୍କ ବ୍ୟତିରେକ ଅନୁଷ୍ଠାନ ଅଧୁରା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁପୂଜନ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅନୁଷ୍ଠାନର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର,ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ ସହିତ ବିଦ୍ୟାଳୟକୁ ମଧ୍ୟ ଏକ ସ୍ମାରକ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସରୋଜ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିବା ବେଳେ ଶିକ୍ଷକ ସ୍ମୃତିରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାତ ପରିଡା,ନଗେନ୍ଦ୍ର ନାୟକ,ପାର୍ଥସାରଥି ସାହୁ,ଜଗବନ୍ଧୁ ସ୍ୱାଇଁ,ପ୍ରମୋଦ ସ୍ୱାଇଁ,ତୋଫାନ ଦାସ,ବିଷ୍ଣୁପ୍ରିୟା ତ୍ରିପାଠୀ ଓ ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହାନଦୀ ଭିତରେ ନିଆଁ ଲାଗିଲା ଭଳି ଦୃଶ୍ୟ

ପାରାଦୀପ,୧୧।୨ (ସମିସ) : ଜଗତସିଂହପୁର ଜିଲ୍ଲା ଚଉ ମୁହାଣୀ ନିକଟ ମହାନଦୀରେ ଆଜି ସକାଳ ୮.୧୦ ସମୟରେ ହଠାତ ଏକ ରକେଟ ଯିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।ଯେଉଁଠି ନିଆଁ ଲାଗିଲା ଭଳି ନାଲି ରଙ୍ଗର ଧୂଆଁ ଜୋରରେ ବାହାରି ଥିଲା।ଏହାକୁ ଦେଖି ମାଛ ମାରୁଥିବା ମତ୍ସ୍ୟଜୀବୀମାନେ ଭୟଭୀତ ହୋଇଯାଇଥିଲେ।ପାଖାପାଖି ୭ରୁ ୮ ମିନିଟ ଧରି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।କୂଳରୁ ପାଖାପାଖି ୧୦୦ ମିଟର ଭିତରେ ଘଟଣାଟି ଘଟିଥିଲା।ମହାନଦୀ ଭିତରେ ନିଆଁ ଲାଗିଥିବା ମତ୍ସ୍ୟଜୀବୀମାନେ ଦେଖି ଜାଲ ପକାଇବାକୁ ଭୟ କରିଥିଲେ।ଏହି ନିଆଁର ଉତ୍ତାପ ଏତେ ଜୋର ରେ ଥିଲା ଯେ ଘଟଣା ନିକଟକୁ କେହି ଯିବାକୁ ସାହସ କରି ନଥିଲେ।କିଛି ସମୟ ଜଳିବା ପରେ ତାହା ଧୀରେ ଧୀରେ ଲିଭିଯାଇଥିଲା।



## ରାଧାନାଥ ରଥ ଓ ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୧୧।୨(ସମିସ): ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଡ. ରାଧାନାଥ ରଥଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ଓ ସ୍ୱର୍ଗତ ଡ. ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ୧୧୨ତମ ଜୟନ୍ତୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ଜୟବଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ଦାସ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱର୍ଗତ ଡକ୍ଟର ରାଧାନାଥ ରଥ ଓଡିଶା ତଥା ଭାରତ ମାତାର ସେବା ପାଇଁ ଯାହା କରିଯାଇଛନ୍ତି ସେଥିପାଇଁ ସେ ସବୁଦିନେ ସ୍ମରଣୀୟ ହୋଇ ରହିବେ। ଅନ୍ୟତମ ଆଲୋଚିକା ଭାବେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏକାଧାରରେ ମହାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଜ୍ୟପାଳ, ରାଷ୍ଟ୍ରନୀତିଜ୍ଞ , କୃଷକ ଶ୍ରମିକ ନେତା, ସୁଲେଖକ ଓ ଜଣେ ବରେଣ୍ୟ ଜନନେତା ରୂପେ ସୁପରିଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସସ୍ମିତା ସାମଲ ଓ ଚିତ୍ରରେଖା ବେହେରା ଦୁଇବରପୁତ୍ରଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ପାରାଦୀପ ପୌରାଞ୍ଚଳରେ ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଶିଳାନ୍ୟାସ

# ପାରାଦୀପରେ ହେବ ବାୟୋଗ୍ୟାସ୍ ପ୍ରକଳ୍ପ




ପାରାଦୀପ,୧୧।୨(ସମିସ):

ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ପୌରସଂସ୍ଥା, ଟେକ୍ନିମଣ୍ଟର ଭାରତୀୟ ସହାୟକ ସଂସ୍ଥା ଟେକ୍ନିମଣ୍ଟ ପ୍ରା.ଲିଃ (ଟିସିଏମପିଏଲ) ଓ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଅଫ କର୍ଣ୍ଣାଟକ ସୁରଥକଲ (ଏନଆଇଟିକେ) ପକ୍ଷରୁ ମିଳିତ ସହଭାଗିତାରେ କରାଯାଉଛି। ଓଡ଼ିଶା ସରକାରଙ୍କ ଶିକ୍ଷ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମାଇରେ ଗ୍ରୁପ ସିଇ, ଆଲେସାଣ୍ଡ୍ରୋ ବରନିନି, ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଏବଂ ଏନଆଇଟିକେ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲର ସିଏସଆର ପଦକ୍ଷେପର ଏକ ଅଂଶ ଅଟେ ଏବଂ ଏହାକୁ ପାରାଦୀପ ପୌରପାଳିକା, ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗିତାରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟକୁ କଞ୍ଚାମାଲ ରୂପେ ବ୍ୟବହାରକରି ରନ୍ଧନ ଗ୍ୟାସ ଭାବରେ ଉପଯୋଗ ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ପାଇଁ ଏକ ପ୍ଲାଣ୍ଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ଲାଣ୍ଟ ସ୍ଥାନୀୟ ସମୁଦାୟଗୁଡିକୁ ସେବା ଯୋଗାଇବା ପାଇଁ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ମାଇରେ ଗ୍ରୁପର ଇଣ୍ଡିଆ ରିଜିଅନ ଭାଇସ-ପ୍ରେସିଡେଣ୍ଟ ମିଲିନ୍ଦ ବାରିଡେ କହିଥିଲେ ଏହି ପ୍ଲାଣ୍ଟ ଏହି ସେବା ଯୋଗାଉଥିବା ଜନସମୁଦାୟରେ ସର୍କୁଲାରିଟି, ସାମାଜିକ ଦାୟିତ୍ୱ ଏବଂ ଅର୍ଥନୈତିକ ସ୍ଥାୟିତ୍ୱ ପ୍ରତି ମାଇରେ ଗ୍ରୁପର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିପରି ଶିକ୍ଷ, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତିଯେ,ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳରୁ ନିର୍ଗତ ହେଉଥିବା ଖାଦ୍ୟ ବର୍ଜ୍ୟକୁ ରିସାଇକେଲ କରିବ ଏବଂ ଏହା ଅଳିଆରେ ଭୂମି ପୋତି ହେବା ସମସ୍ୟାକୁ ଦୂର କରିବ। ପୌରାଞ୍ଚଳରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁକୁ ସଂଗ୍ରହ କରାଯାଇ ଏହି ଏକ-ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ କମ୍ପ୍ରେସଡ ବାୟୋଗ୍ୟାସ ପ୍ରସ୍ତୁତ କରାଯିବ। ଯାହାକୁ ଇନ୍ଧନ ଭାବରେ ବ୍ୟବହାର କରାଯିବା ସହ କମ୍ୟୁନିଟି କିଚେନକୁ ଯୋଗାଣ କରାଯିବ। ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀମାନଙ୍କର ନିରନ୍ତର ପ୍ରୟାସର ସାକ୍ଷୀ ଅଟେ।ଏହି ପ୍ରକଳ୍ପ କେବଳ ଅର୍ଥନୀତି ପାଇଁ ଉଦାହରଣ ପାଲଟିବ ନାହିଁ ବରଂ ପାରାଦୀପରେ ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେର ନିର୍ଦ୍ଦେଶକ ପ୍ରଫେସର ବି. ରଭି କହିଛନ୍ତି ଏନଆଇଟିକେ ମାଇରେ ଗ୍ରୁପ ସମର୍ଥନରେ ଆମର ସୁରଥକାଲ କ୍ୟାମ୍ପସରେ ସ୍ଥାୟିତ୍ୱ ପଦକ୍ଷେପଗୁଡିକୁ ସକ୍ରିୟ ଭାବରେ ଅନ୍ୱେଷଣ କରୁଛି। ଟିସିଏମପିଏଲ ସମର୍ଥନରେ ଆମର ଏକ ୫୦୦ କିଲୋଗ୍ରାମ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି।

